ସାପ୍ତାହିକ ସ୍ୱୀକାର

Postal Regd. No.: SBP/14/2025-2027

The Sweekar स्वीकार

www.sweekarweekly.com

ପ୍ରତିଷ୍ଠାତା ସମ୍ପାଦକ : ସ୍ୱ ଶରତ ନାରାୟଣ ବେହେରା

RNI No. 66443/94

Vol.29 | Issue - 7 | 16 - 22 February 2025 | Sambalpur | Pages- 8 | Invitation Price Rs.10


# ଖଣ୍ଡୋକଟା ଧନୁଯାତ୍ରାରେ ଯୋଗ ଦେଲେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ



ସମ୍ବଲପୁର : କୁଚିଣ୍ଡା ବ୍ଲକର ଖଣ୍ଡୋକଟାରେ ପାଞ୍ଚଦିନ ଧରି ଚାଲିଥିବା ୩୨ତମ ଧନୁଯାତ୍ରା ଉଦ୍‌ଯାପିତ ହୋଇଛି । ସମାଜରେ ଭାଇଚାରା ଏବଂ ସୁଶାସନ ପ୍ରତିଷ୍ଠା କରିବା ଦିଗରେ ଅନ୍ୟତମ ମାଧମ ହୋଇଛି ବୋଲି ଧନୁଯାତ୍ରାର ଉଦ୍‌ଯାପନୀ ଉତ୍ସବରେ ଯୋଗଦେଇ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି ।

ଶ୍ରୀ ପ୍ରଧାନ କହିଛନ୍ତି ଯେ, ଅସତ୍ୟ ଉପରେ ସତ୍ୟ, ଅଧର୍ମ ଉପରେ ଧର୍ମର ବିଜୟ ତଥା ସମାଜରେ ନ୍ୟାୟପୂର୍ଣ୍ଣ ଶାସନ ପ୍ରତିଷ୍ଠା କରିବା ହେଉଛି ଧନୁଯାତ୍ରାର ଅନନ୍ୟ ପରମ୍ପରା । ଏହି ଧନୁଯାତ୍ରା ମହୋତ୍ସବରେ ବହୁସଂଖ୍ୟାରେ ଲୋକ ସମବେତ ହେବା ସେମାନଙ୍କର ଧାର୍ମିକ ଭାବନାକୁ ପ୍ରତିଫଳିତ କରୁଛି । ଧନୁଯାତ୍ରା ଉତ୍ସବକୁ ନେଇ ଲୋକଙ୍କ ମଧ୍ୟରେ ବହୁତ ଖୁସି ଓ ଆନନ୍ଦ ଅଛି । ଏଠାରେ ପଲ୍ଲିଶ୍ରୀ ମେଳା ଆୟୋଜନ କରାଯିବା



ସହ ପ୍ରତିଭାବାନ ଯୁବବର୍ଗ ଓ ଚାଷୀଙ୍କୁ ପ୍ରୋତ୍ସାହିତ କରାଯାଉଛି । ରାଜ୍ୟ ସରକାର ସୁଭଦ୍ରା ଯୋଜନା ଏବଂ ବର୍ଦ୍ଧିତ ଏମଏସପି ମୂଲ୍ୟରେ ଧାନ ସଂଗ୍ରହ ଲୋକମାନଙ୍କୁ ବହୁତ ଖୁସି ଦେଇଛି ।

ଶ୍ରୀ ପ୍ରଧାନ କହିଛନ୍ତି ଯେ ଐତିହାସିକ ଖଣ୍ଡୋକଟାର ଧନୁଯାତ୍ରା ଲୋକାଦୃତ ହେଉଥିବା ବେଳେ ଏହାକୁ ଆଗାମୀ ଦିନରେ ଆହୁରି ଭବ୍ୟ କରିବାକୁ ହେବ । କୁଚିଣ୍ଡା ଉପଖଣ୍ଡକୁ ସବୁ କ୍ଷେତ୍ରରେ ଅଗ୍ରଣୀ କରିବା ପାଇଁ ସାମୂହିକ ଦାୟିତ୍ୱ ନେବାକୁ ପଡିବ । ଧନୁଯାତ୍ରା ମାଧମରେ ଦୀର୍ଘ ୩୨ ବର୍ଷ ଧରି ସ୍ଥାନୀୟ କଳା, ସଂସ୍କୃତି ଓ ପରମ୍ପରାର ପ୍ରଚାର ପ୍ରସାର କରୁଥିବାରୁ ଆୟୋଜକ ବନ୍ଧୁମାନଙ୍କୁ ଧନ୍ୟବାଦ ଜଣାଇ ଧନୁଯାତ୍ରାର ବାର୍ତ୍ତା ସମାଜରେ ସୁଖ, ଶାନ୍ତି, ଭାଇଚାରା ଏବଂ ସୁଶାସନ ପ୍ରତିଷ୍ଠା କରିବା ନେଇ ଶ୍ରୀ ପ୍ରଧାନ ଆଶାବ୍ୟକ୍ତ କରିଛନ୍ତି ।

ଏହି ଉତ୍ସବରେ ଅନ୍ୟମାନଙ୍କ ମଧ୍ୟରେ ରାଜ୍ୟ ସରକାରଙ୍କ ଗ୍ରାମ୍ୟ ଉନ୍ନୟନ, ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ ମନ୍ତ୍ରୀ ରବିନାରାୟଣ ନାଏକ, ଝାରସୁଗୁଡା ବିଧାୟକ ଟଙ୍କଧର ତ୍ରିପାଠୀ, ପଦ୍ମଶ୍ରୀ ମିତ୍ରଭାନୁ ଗୌନ୍ତିଆ, ସମ୍ବଲପୁର ଆରଡିସି ସଚ୍ଚିନ ରାମଚନ୍ଦ୍ର ଯାଦବ, ଆଇଜି ହିମାଂଶୁ ଲାଲ, ସମ୍ବଲପୁର ମହାନଗର ନିଗମ କମିଶନର ବେଦଭୂଷଣ, ଏସପି ମୁକେଶ ଭାମୁ ପ୍ରମୁଖ ରାଜ ଅତିଥିଭାବେ ଯୋଗ ଦେଇଥିଲେ ।

ଏହି ଅବସରରେ ଅତିଥି ମାନେ ମିତ୍ରଭାନୁ ଗ୍ରନ୍ଥାବଳୀକୁ କଂସଙ୍କ ଦରବାରରେ ଉନ୍ମୋଚନ କରିବା ସହ ଗତ ମ୍ୟାଟ୍ରିକ ଓ ଯୁକ୍ତ ଦୁଇ ପରୀକ୍ଷାରେ ସର୍ବୋଚ୍ଚ ନମ୍ବର ରଖିଥିବା ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରିଥିଲେ । କିଶୋର ସାହୁ ଏବଂ ମଳୟ ବେହେରା ମଞ୍ଚ ପରିଚାଳନା କରିଥିଲେ । କଂସଙ୍କ ଦରବାରରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା । ଖଣ୍ଡୋକଟା ଧନୁଯାତ୍ରାକୁ କମିଟି ସଭାପତି ପୂର୍ଣ୍ଣଚନ୍ଦ୍ର ପଟେଲ, ଉପସଭାପତି ସନ୍ତୋଷ ପୃଷେଠ, ସମ୍ପାଦକ ଧନୀରାମ ନାୟକ, ସହସମ୍ପାଦକ ବିକାଶ ଚନ୍ଦ୍ର ନାଏକ, କୋଷାଧ୍ୟକ୍ଷ ଚନ୍ଦ୍ରମଣି ନାଏକ ପରିଚାଳନା କରିଥିଲେ ।

# ସମ୍ବଲପୁର ବିଶ୍ୱବିଦ୍ୟାଳୟ ଅର୍ଥଶାସ୍ତ୍ର ବିଭାଗ ପକ୍ଷରୁ ଜାତୀୟ ଆଲୋଚନାଚକ୍ର

ବୁର୍ଲା: ସମ୍ବଲପୁର ବିଶ୍ୱବିଦ୍ୟାଳୟର ଅର୍ଥଶାସ୍ତ୍ର ବିଭାଗ ପକ୍ଷରୁ ନାବାର୍ଡ, ନାଲକୋ ଏବଂ ସ୍ନାତକୋତ୍ତର କାଉନସିଲ୍, ସହଯୋଗରେ 'ଓଡ଼ିଶାରେ ବିକାଶର ଆହ୍ୱାନ ଏବଂ ସୁଯୋଗ' ଶୀର୍ଷକ ଦୁଇଦିନିଆ ଜାତୀୟ ସ୍ତରର ପରିଚୟ ପ୍ରଦାନ ଏବଂ ଡକ୍ଟର ମୁକ୍ତାରାଣୀ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ ।

ପରେ ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟର ପୂର୍ବତନ କୁଳପତି ପ୍ରଫେସର ସୁଧାଂଶୁ ଶେଖର ରଥଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଯୋଶୀ, ହାଇଦ୍ରାବାଦ ସି.ସ୍.ଡିର ନିର୍ଦ୍ଦେଶକ ପ୍ରଫେସର ସୁଜିତ କୁମାର ମିଶ୍ର, ଉତ୍କଳ ବିଶ୍ୱବିଦ୍ୟାଳୟର ପ୍ରଫେସର ହିମାଂଶୁ ରାଉତ, ପ୍ରଫେସର ଦୀପକ କୁମାର ମିଶ୍ର, ପ୍ରଫେସର ସୁଧାଂଶୁ ଶେଖର ରଥ, ଜି.ଆଇ.ଡି.ଆର୍‌ର ସେମାନେ ଭାଷଣ ଦେଇଥିଲେ । ଏହାଛଡ଼ା ବିଶେଷ ବ୍ୟାଖ୍ୟାନରେ ଏମସିଏଲର କାର୍ମିକ ନିର୍ଦ୍ଦେଶକ କେଶବ ରାଓ ଏବଂ ନାଲେକୋର ଡିଜିଏମ୍ ଡକ୍ଟର ଶୁଭେନ୍ଦୁ କୁମାର ନାୟକ ଶିକ୍ଷା ଏବଂ କର୍ପୋରେଟ୍ ସଂସ୍ଥା ସଂଯୋଗର ମିଶ୍ର, ଡ଼କ୍ଟର ଉମା ଚରଣ ପତି, ପ୍ରଫେସର ସଞ୍ଜୁକ୍ତା ଦାସ, ଡ଼କ୍ଟର ଦୁଃଖବନ୍ଧୁ ସାହୁ ଏବଂ ପ୍ରଫେସର ହିମାଂଶୁ ଶେଖର ରାଉତ ଅଧ୍ୟକ୍ଷତା କରିଥିଲେ । ବିଭିନ୍ନ ସତ୍ରମାନଙ୍କରେ ସୁଜିତ କୁମାର ପ୍ରଧାନ, ଡ଼କ୍ଟର ଅଶିଷ ଦାଶ, ଡ଼କ୍ଟର





ଆଲୋଚନାଚକ୍ର ଆୟୋଜିତ ହୋଇଯାଇଛି । ଉତ୍କଳ ବିଶ୍ୱବିଦ୍ୟାଳୟର ପୂର୍ବତନ କୁଳପତି ପ୍ରଫେସର ବିନାୟକ ରଥ ଏହି ଆଲୋଚନାଚକ୍ର ଉଦ୍‌ଘାଟନ କରିଥିଲେ । ସମ୍ବଲପୁର ବିଶ୍ୱ-ବିଦ୍ୟାଳୟର କୁଳପତି ପ୍ରଫେସର ବିଧୁ ଭୂଷଣ ମିଶ୍ରଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଉଦ୍‌ଘାଟନୀ ଉତ୍ସବରେ ସମ୍ମାନର ସଂଯୋଜିକା ପ୍ରଫେସର ସଂଯୁକ୍ତା ଦାସ ବିଷୟବସ୍ତୁ ଏବଂ ଅତିଥିମାନଙ୍କ ଆଲୋଚନାଚକ୍ରରେ ଉତ୍କଳ ବିଶ୍ୱବିଦ୍ୟାଳୟର ପୂର୍ବତନ ଆର.ବି.ଆଇ ଚେୟାରର ପ୍ରଫେସର ବରେନ୍ଦ୍ର କୁମାର ଭୋଇ 'ଭାରତର ଅଗାମୀ ତିନି ଦଶକର ବିକାଶ ଆହ୍ୱାନ: ଓଡିଶା ପାଇଁ ସୁଯୋଗ' ବିଷୟରେ ମୁଖ୍ୟ ବକ୍ତବ୍ୟ ଦେଇଥିଲେ ।

ସେହିପରି ପ୍ରଫେସର ବରେନ୍ଦ୍ର କୁମାର ଭୋଇଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସ୍ୱତନ୍ତ୍ର ବକ୍ତବ୍ୟ ଅଧିବେଶନରେ ଅବସରପ୍ରାପ୍ତ ପୁଲିସ୍ ଅଧିକାରୀ ଡକ୍ଟର ସଞ୍ଜୀବ କୁମାର ପାଢ଼ି ପୂର୍ବତନ ପ୍ରଫେସର କେଶବ ଦାସ ଏବଂ ଭୁବନେଶ୍ୱର ଆଇ.ଆଇ.ଟି ପ୍ରଫେସର ଦୁଃଖବନ୍ଧୁ ସାହୁ ଓଡ଼ିଶାର ବିଭିନ୍ନ ସମକାଳୀନ ବିଷୟଗୁଡ଼ିକ ଉପରେ ଆଲୋଚନା କରିଥିଲେ । ଆଞ୍ଚଳିକ ବୈଷମ୍ୟ, ବାଧତା ମୂଳକ ପ୍ରବାସନ, ଓଡ଼ିଶାର ଦାରିଦ୍ର୍ୟ, ଦୁର୍ଦ୍ଦଶା ଏବଂ ଶ୍ରମିକମାନଙ୍କ ଆର୍ଥିକ ଓ ସାମାଜିକ ସ୍ଥିତି, ଶିଳ୍ପ ସଂସ୍ଥା ରେ ମହିଳାମାନଙ୍କ ସ୍ଥିତି, ରାଜ୍ୟ ଅର୍ଥ ବ୍ୟବସ୍ଥା ଓ ସୁ-ଶାସନ, ଓଡ଼ିଶାର ଉଦ୍ୟୋଗୀକରଣ, ଜଳବାୟୁ ପରିବର୍ତ୍ତନ ଏବଂ ପରିବେଶ ସମ୍ପର୍କରେ ଭୂମିକା ବିଷୟରେ ଆଲୋଚନା କରିଥିଲେ । ଓଡ଼ିଶାର ବିଭିନ୍ନ ସ୍ଥାନରୁ ଆସିଥିବା ଚାଳିଶ ଜଣ ଗବେଷକ ଅଂଶଗ୍ରହଣ କରିଥିବା ଏହି ସେମିନାରରେ ଛଅଟି ସମାନ୍ତରାଳ ଅଧିବେଶନ ଅନୁଷ୍ଠିତ ହୋଇଥିଲା । ସେମାନେ ନିଜର ଉପସ୍ଥାପିତ କରିଥିବା ଗବେଷଣା ପ୍ରବନ୍ଧ ଗୁଡିକ ପ୍ରତିନିଧିମାନଙ୍କ ଦ୍ୱାରା ଉଚ୍ଚ ପ୍ରଶଂସିତ ହୋଇ ଥିଲା ।

ଏହି ସମାନ୍ତରାଳ ସତ୍ରମାନଙ୍କରେ ଡ଼କ୍ଟର ମୁରଳୀଧର ମାଝୀ, ପ୍ରଫେସର ସୁଜିତ କୁମାର ପ୍ରିୟଦର୍ଶୀ ଯୋଶୀ, ଡ଼କ୍ଟର ରୋହିତ କୁମାର ମିଶ୍ର, ଡ଼କ୍ଟର ଓରୋ କୁମାର ସାହୁ ଏବଂ ଆଭାସ କୁମାର ହୋତା ରାପୋର୍ଟିଅର୍ ଭାବେ ଦାୟିତ୍ୱ ନିର୍ବାହ କରିଥିଲେ । ପ୍ରଫେସର ସଞ୍ଜୁକ୍ତା ଦାସ, ଡକ୍ଟର. ଲୋପାମୁଦ୍ରା ମିଶ୍ର, ଡକ୍ଟର ମୁକ୍ତାରାଣୀ ମିଶ୍ର, ଡକ୍ଟର ଆଶିଷ ଦାଶ, ଡକ୍ଟର ଜ୍ୟୋତିର୍ମୟ ପଟ୍ଟନାୟକ, ଡକ୍ଟର ପୂର୍ଣ୍ଣିମା ରାଣୀ ବରିକ ଏବଂ ସାଧନା ସୁଭଦର୍ଶିନୀ ତରାଇ ପ୍ରମୁଖ କାର୍ଯ୍ୟକ୍ରମ ଆୟୋଜନରେ ସକ୍ରିୟ ଭୂମିକା ଗ୍ରହଣ କରିଥିଲେ ।

## ଏ ସଂଖ୍ୟାରେ..



ମାଇଗ୍ରେନରୁ ଆରୋଗ୍ୟ କରେ ଅଦା


ଅଧିକ ପିଆଜଯୁକ୍ତ ଖାଦ୍ୟ କ୍ଷତିକାରକ


ପେଟ କମାଇବାକୁ ହେଲେ


ଓଜନ କମାଏ ସକାଳର ପେଟପୁରା ଜଳଖିଆ


ସୁସ୍ଥ ରଖେ ଦହି ଭାତ


ହଳଦୀର ଉପକାରିତା

# ଇବ୍ ଓ ଭେଡେନ ନଦୀରେ ବ୍ୟାରେଜ୍ ବ୍ରିଜ୍ ନିର୍ମାଣ ପାଇଁ ଟଙ୍କଧର ତ୍ରିପାଠୀଙ୍କ ମୁଖ୍ୟମନ୍ତ୍ରୀଙ୍କୁ ଅନୁରୋଧ

ଝାରସୁଗୁଡ଼ା : ଝାରସୁଗୁଡ଼ା ଜିଲ୍ଲାର ଜଳସେଚନ ପ୍ରକଳ୍ପକୁ ତ୍ୱରାନ୍ୱିତ କରିବା ଦିଗରେ ଦେଓଗାଁର ଇବ୍ ନଦୀ ନିକଟରେ ଏକ ବ୍ୟାରେଜ୍ ତଥା ବ୍ରିଜ୍ ନିର୍ମାଣ କରିବା କାମକୁ କ୍ରିୟାନ୍ୱୟନ କରିବା ଏବଂ ଭେଡେନ୍ ନଦୀ ଉପରେ ବ୍ୟାରେଜ୍ ତଥା ବ୍ରିଜ୍ ନିର୍ମାଣ ଓ ଆନୁଷଙ୍ଗିକ କାମକୁ ତ୍ୱରାନ୍ୱିତ କରିବା ପାଇଁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ଝାରସୁଗୁଡ଼ା ବିଧାୟକ ଟଙ୍କଧର ତ୍ରିପାଠୀ ଚିଠି ଲେଖୁବା ସହ ଆଲୋଚନା କରିଛନ୍ତି ।

ଶ୍ରୀ ତ୍ରିପାଠୀ ପତ୍ରରେ ଉଲ୍ଲେଖ କରିଛନ୍ତି ଯେ, ୨୦୧୪-୧୫ରେ ଝାରସୁଗୁଡ଼ାର ଦେଓଗାଁ ନିକଟ ଇବ୍ ନଦୀ ନିକଟରେ ବ୍ୟାରେଜ୍ ଏବଂ ବ୍ରିଜ୍ ନିର୍ମାଣ କରିବା ପାଇଁ ଏକ ଟେଣ୍ଡର ହୋଇଥିଲା । ମାତ୍ର କୌଣସି କାରଣରୁ ଓଡ଼ିଶା ସରକାରଙ୍କ ଜଳସମ୍ପଦ ବିଭାଗ ତରଫରୁ ଏହାକୁ ବାତିଲ କରାଯାଇଥିଲା । ତେବେ ପ୍ରଶାସନ ପକ୍ଷରୁ ଦର୍ଶାଯାଇଥିଲା ଯେ ଏହି ପ୍ରକଳ୍ପ ତ୍ୱରାନ୍ୱିତ ହେଲେ ଝାରସୁଗୁଡ଼ା ଓ କୋଲାବିରା ବ୍ଲକ ଅଧୀନରେ ଆସୁଥିବା ୧୪ଟି ବ୍ଲକ ଉପକୃତ ହୋଇପାରିବେ । ଏହା ଦ୍ୱାରା ସ୍ଥାନୀୟ ଅଞ୍ଚଳର ଅର୍ଥନୀତି ମଜଭୁତ୍ ହେବା ସହ ରୋଜଗାର ମଧ ବଢ଼ିବ । ତେବେ ଜଳ ସମ୍ପଦ ବିଭାଗ ପକ୍ଷରୁ ଏଥିପାଇଁ ସର୍ଭେ ହୋଇଥିବା ବେଳେ ଡିପିଆର ମଧ ପ୍ରସ୍ତୁତ ହୋଇସାରିଛି । ତେଣୁ ଏହି ପ୍ରକଳ୍ପକୁ କାର୍ଯ୍ୟକାରୀ କରିବା ପାଇଁ ନୂଆ ଟେଣ୍ଡର କରିବା ପାଇଁ ହସ୍ତକ୍ଷେପ କରିବାକୁ ବିଧାୟକ ଶ୍ରୀ ତ୍ରିପାଠୀ ଅନୁରୋଧ କରିଛନ୍ତି । ଏହା ଦ୍ୱାରା ଝାରସୁଗୁଡ଼ାର ଜନସାଧାରଣ ବିଶେଷ ଭାବେ ଚାଷୀମାନେ ଉପକୃତ ହୋଇପାରିବେ । ସେହିପରି ଆଉ ଏକ ପତ୍ରରେ ଶ୍ରୀ ତ୍ରିପାଠୀ ଉଲ୍ଲେଖ କରିଛନ୍ତି ଯେ, କାତିକେଲା ଠାରେ ମହାନଦୀ ଅବବାହିକାର ଭେଡେନ ନଦୀ, ରଘୁନାଥପାଲିର ଠେଲିଆ ନଦୀ ଏବଂ ସମାସିଂଘା ସ୍ଥିତ ଭେଡେନ ନଦୀ ଉପରେ ପୃଥକ୍ ପୃଥକ୍ ବ୍ୟାରେଜ୍ ତଥା ବ୍ରିଜ୍ ନିର୍ମାଣ କରିବା କାର୍ଯ୍ୟକୁ ତ୍ୱରାନ୍ୱିତ କରାଯାଉ । କାତିକେଲା ଠାରେ ଭେଡେନ ନଦୀ ପାଇଁ ସମ୍ଭାବ୍ୟତା ରିପୋର୍ଟ ମଞ୍ଜୁର ହୋଇଥିବା ବେଳେ ଡିପିଆର ପ୍ରସ୍ତୁତ ସରିଛି । ରଘୁନାଥପାଲିର ଠେଲିଆ ନଦୀରେ ଆଇଏସଏସ ନିର୍ମାଣ ପାଇଁ ଡିପିଆର ଦାଖଲ କରାଯାଇଥିବା ବେଳେ ଅନ୍ୟ ସର୍ଭେ କାମ ଶେଷ ହୋଇଛି । ସମାସିଂଘା ସ୍ଥିତ ଭେଡେନ ନଦୀ ଉପରେ ଉକ୍ତ ପ୍ରକଳ୍ପ ନିର୍ମାଣ କରିବା ପାଇଁ ଆବଶ୍ୟକ ଦସ୍ତାବିଜ ଦାଖଲ ହୋଇସାରିଛି । ଏହି ପ୍ରକଳ୍ପରେ ମଧ ଅନୁରୂପ ଭାବରେ ଝାରସୁଗୁଡ଼ା ଓ କୋଲାବିରା ବ୍ଲକର ୧୨ଟି ଗ୍ରାମର ଅଧିବାସୀମାନେ ଉପକୃତ ହେବେ । ତେଣୁ ଶିଳ୍ପ ସମୃଦ୍ଧ ଅଞ୍ଚଳ ଝାରସୁଗୁଡ଼ାର ସ୍ୱାର୍ଥ ଓ ଚାଷୀଙ୍କ କଲ୍ୟାଣକୁ ଦୃଷ୍ଟିରେ ରଖି ଅବିଳମ୍ବେ ଏହି ସମସ୍ତ ପ୍ରକଳ୍ପର କାମ କରିବା ପାଇଁ ସେ ମୁଖ୍ୟମନ୍ତ୍ରୀ ମାଝୀଙ୍କ ବ୍ୟକ୍ତିଗତ ହସ୍ତକ୍ଷେପ ଲୋଡ଼ିଛନ୍ତି । ଉଲ୍ଲେଖନୀୟ ଯେ, ଏ ପ୍ରସଙ୍ଗରେ ମୁଖ୍ୟମନ୍ତ୍ରୀଙ୍କ ସହ ଆଲୋଚନା କରିବା ବେଳେ ଉନ୍ନୟନ କମିଶନର ତଥା ଅତିରିକ୍ତ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ ଓ ଜଳ ସମ୍ପଦ ବିଭାଗର ବରିଷ୍ଠ ଅଧିକାରୀ ଉପସ୍ଥିତ ଥିଲେ ।

## ଯୁଗ୍‌ଯୁଗ୍ ଥିବ ମହାତ୍ମା ଗାନ୍ଧୀ!

**ଡ.ନାମଯଜ୍ଞ ମିଶ୍ର**

'ରକତ୍ ମାଉଁସର୍ ଦିହିଟେ ଧରି
ଗାନ୍ଧୀ ବଲି ମୁନୁଷ୍‌ଟେ ଥିଲା
ଇଟା ବିଶ୍ୱାସ ନେଇଁକରେ ଅଗଲା ପିଢ଼ି !
ଆଇନ୍‌ଷ୍ଟାଇନ୍ କହିଥିଲା ।
ହେଲେ, ତମେ ତ ଆଇଥିଲ ଅବତରି
ହେଇଗୁଟେ ମୁନୁଷ ପୁତ୍‌ଲା
ଦେବତା ହେଇ ଅଛ, ରହେବ ଯବତକ୍
ଥିବା ଇ ମୁନୁଷ ଜାତିର୍ ଲୀଳାଖେଲା ।
ସତ୍‌ଟା ଶୁକଲ ମିଛଟା କଲା
ଅହିଂସା ନୁହେଁ ସେ ହିଁସାର ଜୁଏ
ହିଁସୁ ପଶୁବଲ ହୁମଡେଇ ପଡସି
ଅହିଂସାର ପବନ୍ ବାଜଲେ ଦିହେ ।
ତମର ଅପରିଗ୍ରହ ଶରୀର ଶ୍ରମ
ସରିଗଲା ସବୁ ଟେଁକି ଚଉଲେ
ତମର 'ସ୍ୱଦେଶୀ' ବିଦେଶୀ ହେଇ
ପୁଞ୍ଜି ନୁରୁଛେ ବ୍ଲାକହୋଲ ଖାଲେ ।
'ସ୍ୱାବଲମ୍ବୀ' ତମର ମାହାଲିଆ ଖାଏବାକେ
ମାଡ଼ପିଟ୍ ହଉଛନ୍ ରାସ୍ତାର ଧାରେ
'ରାମ ରାଏଜ୍' ଆଏଜ୍ ହାରାମ ରାଏଜ୍
କେବିକେ 'ନଗଡ଼ା' କାଶୀପୁରେ ।
ଖର ଦୁଷଣର ରାଏଜ୍ ଚାଲିଛେ
ତ୍ରିଶିରା ଖଉଛେ ରକତ୍ ଶୁଷି
ଦାଦନ ଟୁକେଲ୍ ଚାଲାନ, ବଢ଼ି ଚାଲିଛେ
ଆତ୍ମହତ୍ୟା କରି ମରୁଛେ ଚାଷୀ ।
ସବୁଗଲେ ଭି ସୁରୁଜ୍ ବାଗିର ଜଳି
ଯୁଗ୍‌ଯୁଗ୍ ତମେ ଥିବ ମହାତ୍ମା ଗାନ୍ଧୀ
ନୁରୁଛେ ! ନୁରବା ଇ ସାରା ଜଗତ୍
ଅଶାନ୍ତି ପବନେ ଉକବୁକେଇ କାନ୍ଦି ।

**ବରପାଲିପଡ଼ା, ବଲାଙ୍ଗୀର**

## ଲଖନପୁର କ୍ଲଷ୍ଟରସ୍ତରୀୟ ନିପୁଣ ମେଳା

ଝାରସୁଗୁଡ଼ା : ଲଖନପୁର କ୍ଲଷ୍ଟରସ୍ତରୀୟ ନିପୁଣ ମେଳା ଅନୁଷ୍ଠିତ ହୋଇଛି । ମେଳାରେ କ୍ଲଷ୍ଟର୍ ଅନ୍ତର୍ଗତ ସମସ୍ତ ବିଦ୍ୟାଳୟରୁ ୧୪୪ ଜଣ ଛାତ୍ରଛାତ୍ରୀ, ୫୬ ଜଣ ଅଭିଭାବକ ଓ ୧୬ ଜଣ ଶିକ୍ଷକ ଶିକ୍ଷୟିତ୍ରୀ ଅଂଶଗ୍ରହଣ କରିଥିଲେ । ସିଆର୍‌ସିସି ଘନଶ୍ୟାମ ଗଡ଼ତିଆଙ୍କ ଅଧକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଲଖନପୁର ସରପଞ୍ଚ ଆରତି ପଧାନ ମୁଖ୍ୟ ଅତିଥି, ଏବିଇଓ ହେମସାଗର ଚୌଧୁରୀ ମୁଖ୍ୟ ବକ୍ତା, ଏବିଇଓ ତଥା ବିଆର୍‌ସିସି ଟିକେଶ୍ୱର ଜଗତ, ବରତାପ ସିଆର୍‌ସିସି ଆଶିଷ ପଟେଲ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ । ଛାତ୍ରଛାତ୍ରୀ ସଂଖ୍ୟାଜ୍ଞାନ, ସାକ୍ଷରତା ଜ୍ଞାନ, ସୃଜନାତ୍ମକ ଜ୍ଞାନର ବିଭିନ୍ନ କୌଶଳ ପ୍ରଦର୍ଶନ କରିଥିଲେ । ମଞ୍ଚ ପରିଚାଳନା ଶିକ୍ଷକ ଜଗଦୀଶ ତନ୍ତୀ ଓ ସବିତା ତାଣ୍ଡିଆ କରିଥିବା ବେଳେ ସୁରଥ ବିଶ୍ୱାଳ, ସବ୍ୟସାଚୀ ବୁଦୁଲା, କୁନୁ ମାଝୀ, କିଶୋରୀ ମାଝୀ, ଭଗବାନ ପଶାୟତ, ଦାମୋଦର ଧୁରୁଆ, କ୍ଷୀରୋଦ ଭୋଇ, ବାସୁଦେବ ସାହୁ, ପ୍ରଭାତ ସେଠ, ସାଗର ସେଠ, ଉତ୍ତମ ବାନୀ, ରାଜେଶ୍ୱରୀ ବିଶ୍ୱାଳ, ଅନୁରାଧା କାଲୋଙ୍କ ସମେତ ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ, ଅଭିଭାବକ ଅଭିଭାବିକା ସହଯୋଗ କରିଥିଲେ ।

## ଧର୍ମପରାୟଣା ମହିଳାଙ୍କ ପରଲୋକ

ବୁର୍ଲା : ଜ୍ୟୋତିବିହାର ହାଇସ୍କୁଲର ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ଶଶୀଭୂଷଣ ପାଣିଗ୍ରାହୀଙ୍କ ଧର୍ମପତ୍ନୀ ପ୍ରଶାନ୍ତମୟୀ ପାଣିଗ୍ରାହୀଙ୍କ ପରଲୋକ ହୋଇ ଯାଇଛି । ମୃତ୍ୟୁ ବେଳକୁ ତାଙ୍କୁ ୭୮ ବର୍ଷ ବୟସ ହେଉଥିଲା । ସେ ତାଙ୍କ ତିନିପୁଅ ଓ ଦୁଇ ଝିଅଙ୍କୁ ଛାଡି ଯାଇଛନ୍ତି । ସ୍ୱର୍ଗତା ପ୍ରଶାନ୍ତମୟୀ ଜଣେ ଧର୍ମ ପରାୟଣା ମହିଳା ଥିଲେ ।

## ଝାରସୁଗୁଡ଼ା ଘରୋଇ ବସ୍ ମାଲିକ ସଂଘ ନିର୍ବାଚନ

ଝାରସୁଗୁଡ଼ା: ଝାରସୁଗୁଡ଼ା ଜିଲ୍ଲା ଘରୋଇ ବସ ମାଲିକ ସଂଘର ନିର୍ବାଚନ ଅନୁଷ୍ଠିତ ହୋଇଯାଇଛି । ଏଥିରେ ସଦାନନ୍ଦ ଦାଶ- ସଭାପତି, ରାଜେଶ ସିଂ - ସାଧାରଣ ସମ୍ପାଦକ, ଦୀପକ ସାହୁ - ସହସମ୍ପାଦକ, ସୁରେନ୍ଦ୍ର ମହାପାତ୍ର - ଯୁଗ୍ମ ସମ୍ପାଦକ, ଶୁଭେନ୍ଦୁ ମହାପାତ୍ର କୋଷାଧକ୍ଷ ଓ ନେପାଳ ଚନ୍ଦ୍ର ପୁରୋହିତ ଉପଦେଷ୍ଟା ଭାବେ ନିର୍ବାଚିତ ହୋଇଛନ୍ତି । ସେହିପର କାର୍ଯ୍ୟକାରୀ କମିଟି ସଭ୍ୟ ଭାବେ ଶରତ ଚନ୍ଦ୍ର ମହାପାତ୍ର, ସୁଧାଂଶୁ ଶେଖର ମହାପାତ୍ର, ବିରଞ୍ଚି ନାରାୟଣ ବିଶ୍ୱାଳ, ବିଜୟ କୁମାର ସାହୁ ମନୋନୀତ ହୋଇଛନ୍ତି ।

# ଓଁକାରର ମହିମା ଓ ସାଧନା ବିଧାନ

ଭାରତୀୟ ଆଧାତ୍ମିକ ପରମ୍ପରାର ଦିବ୍ୟ ପ୍ରତୀକଗୁଡ଼ିକ ମଧରେ ଓଁକାରର ବିଶିଷ୍ଟ ମହତ୍ତ୍ୱ ରହିଛି । ହିନ୍ଦୁ ସହିତ ବୌଦ୍ଧ, ଜୈନ, ଶିଖ ଧର୍ମରେ ମଧ ଓଁକାରର ଧ୍ୱନୀକୁ ପବିତ୍ର ବୋଲି ସ୍ୱୀକାର କରାଯାଇଛି । ପ୍ରାୟ ପ୍ରତ୍ୟେକ ମନ୍ତ୍ର ଆଗରେ ଏହାର ପ୍ରୟୋଗ ହୋଇଥାଏ ଏବଂ ଏହା ବିନା କୌଣସି ମନ୍ତ୍ରକୁ ପୂର୍ଣ୍ଣ କୁହାଯାଇ ନ ପାରେ । ଏହାକୁ ସ୍ୱୟଂ ପରମାତ୍ମାଙ୍କ ସ୍ୱରୂପ ମାନି ଶବ୍ଦ ବ୍ରହ୍ମର ଉପମା ଦିଆଯାଇଛି ।

ଶାସ୍ତ୍ରଗୁଡ଼ିକ ଅନୁସାରେ ଓଁକାର ହେଉଛି ପରମାତ୍ମାଙ୍କ ମୁଖରୁ ନିଃସୃତ ପ୍ରଥମ ଶବ୍ଦ, ଯାହା ଏହି ସୃଷ୍ଟିର ରଚନାରେ ପ୍ରାଣ ସଞ୍ଚାର କରିଛି । ଅ, ଉ, ମ ମିଶି 'ଓଁ' ହୋଇଛି, ଯାହାର ଆଧାରରେ ଶବ୍ଦଶାସ୍ତ୍ରୀମାନେ ଏହାର ତିନିଟି ଅଙ୍ଗ ଥିବା କଥା କହିଥାନ୍ତି । ବ୍ରହ୍ମା, ବିଷ୍ଣୁ ଓ ମହେଶ୍ୱର ହିଁ ସେହି ତିନି ଅଙ୍ଗ । ଅନ୍ୟ ଏକ ବିବେଚନା ଅନୁସାର 'ଅ'କାର ସତ୍ତ୍ୱଗୁଣର, 'ଉ'କାର ରଜୋଗୁଣ ଓ 'ମ'କାର ତମୋଗୁଣର ପ୍ରତୀକ । ଓଁକାର ଉପରେ ଥିବା ବିନ୍ଦୁ ତିନି ଗୁଣର ଊର୍ଦ୍ଧ୍ୱରେ ଗୁଣାତୀତ ଅବସ୍ଥାର ସୂଚକ । ଓଁକାରର ଗୁଣଗୁଡ଼ିକର ଚିନ୍ତନ କରି ସାଧକ ଯେତେବେଳେ ଜପ – ଧାନ କରିଥାଏ, ତ ସେ କ୍ରମଶଃ ଗୁଣଗୁଡ଼ିକୁ ପାର କରି, ଗୁଣାତୀତ ଅବସ୍ଥା ପ୍ରାପ୍ତ ହୋଇଥାଏ ଏବଂ ବ୍ରହ୍ମାଣ୍ଡୀୟ ଚେତନା ସହିତ ଯୋଡ଼ି ହୋଇଯାଏ ।

ଏହି ଧ୍ୱନି ଧାନର ଗଭୀରତାରେ ଅନ୍ତଃକରଣରେ ଶୁଣାଯାଏ । ନିଜର ଶ୍ୱାସ-ପ୍ରଶ୍ୱାସରେ ଆମେ ଏହି ଓଁକାର ଧ୍ୱନିକୁ ଅନୁଭବ କରି ପାରିବା । ଏହା ପରମେଶ୍ୱରଙ୍କ ସହିତ ସଂବନ୍ଧ ଧ୍ୱନିର ଅନାହତ ସ୍ୱରୂପ, ଯାହାର କ୍ଷରଣ ହୋଇ ନଥାଏ । ଏହି ରୂପରେ ଓଁକାର ବ୍ରହ୍ମସ୍ୱରୂପ ଅଟେ । କଠୋପନିଷଦରେ କୁହାଯାଇଛି – ''ଆତ୍ମାକୁ ଅଧର ଅରଣି (ଅଗ୍ନିମନ୍ଥନ ଦଣ୍ଡ) ଏବଂ ଓଁକାରକୁ ଉତ୍ତର ଅରଣି କରି ମନ୍ଥନ ରୂପୀ ଅଭ୍ୟାସ କରିବା ଦ୍ୱାରା ଦିବ୍ୟ ଜ୍ଞାନ ସ୍ୱରୂପ ଜ୍ୟୋତିର ଆବିର୍ଭାବ ହୋଇଥାଏ, ଯାହାର ଆଲୋକରେ ନିଗୂଢ଼ ଆତ୍ମତତ୍ତ୍ୱର ସାକ୍ଷାତ୍‌କାର ହୋଇଥାଏ ।''

ମାଣ୍ଡୁକୋପନିଷଦରେ ଅତୀତ, ବର୍ତ୍ତମାନ ଓ ଭବିଷ୍ୟ ରୂପୀ ତ୍ରିକାଳ ଓ ତାହାର ଉର୍ଦ୍ଧ୍ୱର ତତ୍ତ୍ୱକୁ ଓଁକାର କୁହାଯାଇଛି । ସ୍ୱଚ୍ଛନ୍ଦ ତନ୍ତ୍ର ଅନୁସାର 'ଅ' ସ୍ଥୂଳ ଜଗତର ଦ୍ୟୋତକ, 'ଉ' ସୂକ୍ଷ୍ମ ଜଗତର ତଥା 'ମ' କାରଣ ଜଗତର ବାଚକ । ଓଁକାର ତ୍ରିଦେବ–ବ୍ରହ୍ମା, ବିଷ୍ଣୁ ଓ ମହେଶ୍ୱର ତଥା ତ୍ରିଲୋକ– ଭୂ ଲୋକ, ଭୁବଃ ଲୋକ ତଥା ସ୍ୱର୍ଗ ଲୋକର ମୂର୍ତ୍ତିମାନ ପ୍ରତୀକ । ତୈତ୍ତରୀୟ ଉପନିଷଦରେ ଋଷି କହିଛନ୍ତି– 'ଓଁକାର ହିଁ ବ୍ରହ୍ମ, ଓଁକାର ହିଁ ଏହି ପ୍ରତ୍ୟକ୍ଷ ଜଗତ ଏବଂ ଓଁକାର ହିଁ ଏହି ଜଗତର ଅନୁକୃତି ।''

କଠୋପନିଷଦ୍ ଅନୁସାରେ- ସମସ୍ତ ଦେବ ଯେଉଁ ପଦର ବର୍ଣ୍ଣନ କରନ୍ତି, ସମସ୍ତ ତପକୁ ଯାହାର ପ୍ରାପ୍ତିର ସାଧନ କୁହାଯାଏ, ଯାହାର ଇଚ୍ଛାରେ ମୁମୁକ୍ଷୁ ବ୍ରହ୍ମଚର୍ଯ୍ୟ ପାଳନ କରନ୍ତି, ସେହି ପଦକୁ ମୁଁ ତୁମକୁ ସଂକ୍ଷେପରେ କହୁଛି । ଓଁକାର ହିଁ ସେହି ପଦ । ପ୍ରଶ୍ନୋପନିଷଦ୍ ଅନୁସାରେ– ସାଧକ ଋଗ୍‌ବେଦ ଦ୍ୱାରା ଏହି ଲୋକକୁ, ଯଜୁର୍ବେଦ ଦ୍ୱାରା ଅନ୍ତରିକ୍ଷକୁ ତଥା ସାମବେଦ ଦ୍ୱାରା ସେହି ଲୋକକୁ ପ୍ରାପ୍ତ ହୁଏ, ଯାହାକୁ ବିଦ୍ୱାନ ଜାଣନ୍ତି ତଥା ସେହି ଓଁକାର ରୂପୀ ଅବଲମ୍ବନ ଦ୍ୱାରା ବିଦ୍ୱାନଗଣ ସେହି ଲୋକକୁ ପ୍ରାପ୍ତ ହୁଅନ୍ତି, ଯାହା ଶାନ୍ତ, ଅଜର, ଅମର, ଅଭୟ ଏବଂ ସବୁଠାରୁ ଉର୍ଦ୍ଧ୍ୱରେ ଅର୍ଥାତ୍ ଶ୍ରେଷ୍ଠ । ମୁଣ୍ଡକୋପନିଷଦ୍ ଅନୁସାରେ-ପ୍ରଣବ ଧନୁ, ଆତ୍ମା ବାଣ ଓ ବ୍ରହ୍ମ ତାହାର ଲକ୍ଷ୍ୟ, ତାହାର ଭେଦନ ସାବଧାନତା ପୂର୍ବକ କରିବା ଉଚିତ ।

ଭାରତରେ ପ୍ରଚଳିତ ବିଭିନ୍ନ ସାଧନା ପଛରେ ସମସ୍ତେ ଓଁକାରର ମହିମାକୁ ସ୍ୱୀକାର କରନ୍ତି ଏବଂ ଏହା ସେମାନଙ୍କ ସାଧନା ପଦ୍ଧତିର ଅଭିନ୍ନ ଘଟକ । ଜୈନ ଧର୍ମରେ ଅରିହନ୍ତ, ସିଦ୍ଧ, ଆଚାର୍ଯ୍ୟ, ଉପାଧାୟ ଓ ମୁନିଙ୍କୁ ପଞ୍ଚ ପରମେଷ୍ଠୀର ମାନ୍ୟତା ମିଳିଛି । ଏମାନଙ୍କର ଆଦି ଅକ୍ଷରକୁ ମିଶାଇଲେ ଓଁକାର ଧ୍ୱନି ବାହାରେ । ଶିଖ ଧର୍ମର ସଂସ୍ଥାପକ ଗୁରୁ ନାନକ ଦେବଙ୍କ ମତରେ- ଇକ ଓଁକାର ସତନାମ କରତା ପୁରଖନିରଭୌ ନିରବୈର ଅକାଳମୂରତ ଅର୍ଥାତ୍ ଓଁକାର ହିଁ ଅଟଳ ସତ୍ୟ । ଏହାର ଜପ କରୁଥିବା ପୁରୁଷ ନିର୍ଭୟ, ଶତ୍ରୁ ରହିତ ଓ ଅକାଳ ପୁରୁଷ ସଦୃଶ ହୋଇଯାଏ ।

ବୌଦ୍ଧ ଧର୍ମରେ ଓମ ମଣି ପଦ୍ମ ହୁମ୍ ମୁଖ୍ୟ ମନ୍ତ୍ର ଅଟେ, ଯାହାର ଅର୍ଥ– ଓଁକାର ସେହି ମଣି, ଯାହା କମଳ ଉପରେ ବିରାଜମାନ । ହିନ୍ଦୁ ଧର୍ମ ଅନୁସାର ଓଁକାର ଏହି ବ୍ରହ୍ମାଣ୍ଡରେ ସର୍ବଦା ଥିଲା ଓ ରହିବ । ଏହାର କ୍ଷରଣ କେବେ ହୋଇ ପାରିବ ନାହିଁ । ଏହା ଏକ ଶାଶ୍ୱତ ଧ୍ୱନୀ । ଏହି ବ୍ରହ୍ମାଣ୍ଡରେ ଯେତେବେଳେ କୌଣସି ପ୍ରକାର ଧ୍ୱନି ରହିବ ନାହିଁ, ସେତେବେଳେ ଏକମାତ୍ର ଓଁକାର ଧ୍ୱନୀ ଶୁଣାଯିବ ।

ଏହିପରି ସମ୍ପୂର୍ଣ୍ଣ ବ୍ରହ୍ମାଣ୍ଡରେ ସର୍ବଦା ଓଁକାର ଧ୍ୱନୀ ଗୁଞ୍ଜରିତ । ଓଁକାର ଧ୍ୱନୀ ଅତ୍ୟନ୍ତ ପବିତ୍ର ଓ ଶକ୍ତିଶାଳୀ କୌଣସି ମନ୍ତ୍ର ପୂର୍ବରୁ ଓଁ ଯୋଡ଼ିବା ଦ୍ୱାରା ତାହା ସମ୍ପୂର୍ଣ୍ଣ ଶୁଦ୍ଧ ଓ ଶକ୍ତିଶାଳୀ ହୋଇଯାଏ । ଓଁ ର ଅନ୍ୟ ନାମ ପ୍ରଣବ ବା ପରମେଶ୍ୱର । ଯୋଗସୂତ୍ରରେ ମହର୍ଷି ପତଞ୍ଜଳି ତସ୍ୟ ବାଚକ ପ୍ରଣବ କହି ଓଁକାରକୁ ଈଶ୍ୱରଙ୍କ ବାଚକ ଅଥବା ଈଶ୍ୱରଙ୍କ ପର୍ଯ୍ୟନ୍ତ ପହଞ୍ଚିବାର ମାଧମ କହିଛନ୍ତି ।

ଛାନ୍ଦୋଗ୍ୟ ଉପନିଷଦ୍ ଅନୁସାରେ – ଓମ୍ ଇତ୍ୟେତତ୍ ଅକ୍ଷରଃ । ଓଁ ଅବିନାଶୀ, ଅବ୍ୟୟ ଓ କ୍ଷରଣ ରହିତ । ଓଁ ଧର୍ମ, ଅର୍ଥ, କାମ ଓ ମୋକ୍ଷ ରୂପୀ ଚାରି ପୁରୁଷାର୍ଥର ପ୍ରଦାୟକ । କେବଳ ଓଁକାରର ଜପ କରି ସାଧକ ନିଜର ସମସ୍ତ ଉଦ୍ଦେଶ୍ୟ ପୂରଣ କରିପାରେ । ଶ୍ରୀମଦ୍ ଭଗବଦ୍ ଗୀତାର ଅଷ୍ଟମ ଅଧାୟରେ କୁହାଯାଇଛି – ଓଁକାର ରୂପୀ ବ୍ରହ୍ମଙ୍କ ଉଚ୍ଚାରଣ କରି ଯିଏ ଶରୀର ତ୍ୟାଗ କରେ, ପରମଗତି ପ୍ରାପ୍ତ ହୋଇଥାଏ ।

ପ୍ରତ୍ୟେକ ଯୁଗରେ ଓଁକାରର ମହିମା ଅକ୍ଷୁଣ୍ଣ ରହିଛି । ମଧଯୁଗରେ କବୀର, ନାନକ, ତୁଳସୀ ଆଦି ସନ୍ଥମାନେ ଓଁକାରର ମହିମା ଗାନ କରିଥିଲେ । ସନ୍ଥ କବୀର ଓଁକାରର ମହତ୍ତ୍ୱ ବଖାଣି କହିଛନ୍ତି– ଓ ଓଁକାର ଆଦି ମିଁ ଜାନା, ଲିଖ୍ ମେଟଁ ତାହି ନା ମାନା । ଓ ଓଁକାର ଲିଖେ ଜୋ କୋଇ, ସୋଇ ଲିଖ୍ ମେଟଣା ନ ହୋଇ । । ଖ୍ରୀଷ୍ଟିଆନ ଘରଗୁଡ଼ିକରେ ଲୋଗୋଜ୍‌ର ସିଦ୍ଧାନ୍ତ ଭାରତୀୟ ସ୍ଫୋଟ (ଫାଟିବା ଶବ୍ଦ)ରୁ ମିଳିଥାଏ, ଯାହା ଆଦି ଧ୍ୱନୀ ଆଡ଼କୁ ଇସାରା କରିଥାଏ । ବାଇବେଲ ଅନୁସାରେ ସର୍ବପ୍ରଥମେ ଈଶ୍ୱର ଥିଲେ, ଶବ୍ଦ ଥିଲା, ଅନ୍ୟ କିଛି ନ ଥିଲା ।

ସ୍ୱାମୀ ବିବେକାନନ୍ଦ ମଧ ସ୍ଫୋଟର ସିଦ୍ଧାନ୍ତ ଆଧାରରେ ଓଁକାରର ଶାବ୍ଦିକ ମହତ୍ତ୍ୱକୁ ସ୍ପଷ୍ଟ କରିଛନ୍ତି । ସ୍ୱାମୀ ରାମକୃଷ୍ଣ ପରମହଂସ କହୁଥିଲେ – ''ସମସ୍ତ ଶାସ୍ତ୍ର ଗାୟତ୍ରୀ ମହାମନ୍ତ୍ର ମଧରେ ଏବଂ ସମସ୍ତ ମନ୍ତ୍ର ବ୍ୟାହୃତିଗୁଡ଼ିକରେ ତଥା ସ୍ୱୟଂ ବ୍ୟାହୃତିଗୁଡ଼ିକ ଓଁକାରରେ ସମାହିତ ହୋଇଯାଏ ।'' ଏହିପରି ଓଁକାର ଅନାହତ ଧ୍ୱନି—ଶବ୍ଦ ବ୍ରହ୍ମ ହିଁ ସୃଷ୍ଟିର ଉତ୍ପତ୍ତିର ଆଧାର, ଏକଥା ସ୍ପଷ୍ଟ ।

ଏହି ପରି ଭାରତୀୟ ପରମ୍ପରାରେ ଓଁକା ର ଅକ୍ଷର ଗୁଡ଼ିକର ସଂଯୋଜନ ମାତ୍ର ନୁହେଁ, ସ୍ୱୟଂ ଆଦିମନ୍ତ୍ର, ସମସ୍ତ ମନ୍ତ୍ରର ଆଧାର, ଶୀର୍ଷ ଅଟେ । ଏହା ସହିତ ଧାନର ପକ୍ଷକୁ ଯୋଡ଼ି ଆଧାତ୍ମିକ ଲାଭ ପ୍ରାପ୍ତ କରାଯାଇପାରେ । ଓଁକାରର ଜପ କରିବା ଦ୍ୱାରା ମନକୁ ଶାନ୍ତି ତଥା ଏକାଗ୍ରତାର ପ୍ରାପ୍ତି ହୋଇଥାଏ, ଶରୀର ର ରୋଗଗୁଡ଼ିକରୁ ରକ୍ଷା । ମିଳିଥାଏ ଏବଂ ଆଧାତ୍ମିକ ଜାଗରଣର ଆଧାର ପ୍ରସ୍ତୁତ ହୋଇଥାଏ ।

# ମହାକୁମ୍ଭ ଅଘଟଣ : ଭୂଲ ରହୁଛି କେଉଁଠି ?



## ଡ଼ଃ ପ୍ରମୋଦ କୁମାର ପଣ୍ଡା

ପବିତ୍ର ଗଙ୍ଗା, ଯମୁନା ଓ ପୌରାଣିକ ସରସ୍ୱତୀ ନଦୀର ପାବନ ତ୍ରିବେଣୀ ସଙ୍ଗମସ୍ଥଳ ତୀର୍ଥରାଜ ପ୍ରୟାଗରେ ଚାଲିଥିବା ମହାକୁମ୍ଭ ମେଳା ଅତ୍ୟନ୍ତ ବିରଳ । ଏମିତି ଦୁର୍ଲଭ ସଂଯୋଗ ବାର ପୂର୍ଣ୍ଣକୁମ୍ଭ ଅର୍ଥାତ ୧୪୪ ବର୍ଷ ଅନ୍ତରାଳରେ ଥରେ ପଡେ । ଚଳିତ ବର୍ଷ ମହାକୁମ୍ଭ ପୌଷ ପୂର୍ଣ୍ଣିମାରୁ ଆରମ୍ଭ ହୋଇ ମହାଶିବରାତ୍ରି ପର୍ଯ୍ୟନ୍ତ ଚାଲିବ । ଜାନୁଆରୀ ତେଇଶ ତାରିଖରୁ ଫେବୃଆରୀ ମାସ ଛବିଶ ତାରିଖ ଯାଏ । ଦେଢ଼ ମାସ କାଳ । ଅଧିବାସରୁ ନାହିଁ ନ ଥିବା ଭିଡ । ଜନ ଶୈଳାବ । କେବଳ ଭାରତ ନୁହଁ, ସାରା ବିଶ୍ୱର କୋଣ ଅନୁକୋଣରୁ ଛୁଟୁଛି ଭକ୍ତଙ୍କ ସୁଅ । ପୃଥିବୀର ସର୍ବବୃହତ ଶାନ୍ତିପୂର୍ଣ୍ଣ ଆଧ୍ୟାତ୍ମିକ ଆୟୋଜନରେ ସାମିଲ ହେବାକୁ । ଆନ୍ତରିକ ଅଭିଳାଷ ତ୍ରିବେଣୀ ବୁଡ଼ । ସଙ୍ଗମରେ ସାହୀ ସ୍ନାନ । ସାଧୁସନ୍ଥ ଦର୍ଶନ । ଧର୍ମ କର୍ମ । ଦାନ ଦପାନ । ପୁଣ୍ୟ ଅର୍ଜନ । ମୋକ୍ଷ ପ୍ରାପ୍ତି । ବିଶ୍ୱ ବନ୍ଧୁତ୍ୱ ପ୍ରତିଷ୍ଠା । ଇଚ୍ଛା ଶକ୍ତି ଏବଂ ପ୍ରଭୁ ଭକ୍ତି ଆଗରେ ଦୁର୍ବଳ ପଡୁଛି ଅନନ୍ତ ଜନ ସମାଗମ । ଘାତ ପ୍ରତିଘାତ ଏବଂ ବାଧା ବିଘ୍ନ ସତ୍ତ୍ୱେ ଶ୍ରଦ୍ଧାଳୁ ସଙ୍ଗମମୁହାଁ । ପୁଣି ଏକା ନୁହଁ, ପରିବାର ପରିଜନ ସହିତ ।

ଶାସନ ଓ ପ୍ରଶାସନର ଅଭୂତପୂର୍ବ ଆୟୋଜନ । ବ୍ୟବସ୍ଥା ଏବଂ ବନ୍ଦୋବସ୍ତ । ପାରଙ୍ଗମ ପରିଚାଳନା । କାର୍ଯ୍ୟକୁଶଳତା ଏବଂ ସାଙ୍ଗଠନିକ କୌଶଳୋପଯୋଗ । ମେଳା କେନ୍ଦ୍ରିତ ଧ୍ୟାନ । ଅତ୍ୟାଧୁନିକ ପ୍ରାଦ୍ୟୋଗିକ ପ୍ରବନ୍ଧ । ଦିନରାତି ଚବିଶଘଣ୍ଟିଆ ପହରା । କୃତ୍ରିମ ବୁଦ୍ଧିମତ୍ତାର ବ୍ୟବହାର । ପରିଚାଳନାଗତ ସୁବିଧା ଦୃଷ୍ଟିରୁ ୪୦୦୦ ହେକ୍ଟର ପରିମିତ ସଂପୂର୍ଣ୍ଣ କୁମ୍ଭ ମେଳା କ୍ଷେତ୍ରକୁ ୨୫ ସେକ୍ଟରରେ ବିଭକ୍ତିକରଣ, ୧୦ ଟି ପକ୍କା ଓ ୩୧ ଟି ଅସ୍ଥାୟୀ ଘାଟ ନିର୍ମାଣ, ପର୍ଯ୍ୟଟକଙ୍କ ପାଇଁ ୧୬୦୦୦୦ ତାମ୍ବୁ, ୩୦୦୦ ରୋଷେଇ ଘର, ୧୪୫୦୦୦ ବିଶ୍ରାମଗୃହ, ୧୪୫୦୦୦ ଶୌଚାଳୟ, ୯୯ ସାଧାରଣ ଓ ୨୪ ସେଟେଲାଇଟ ପର୍କିଙ୍ଗ ପ୍ଲେସ୍, ୨୫୦୦୦୦୦ କଳ୍ପବାସୀଙ୍କ ପାଇଁ ଧ୍ୟାନ ଓ ଆଧ୍ୟାତ୍ମିକ ଅଭ୍ୟାସ କେନ୍ଦ୍ର, ୨୫ ସେକ୍ଟରରେ ୨୫ ଗୋଟି ୨୦ ଶଯ୍ୟା ବିଶିଷ୍ଟ କେନ୍ଦ୍ରୀୟ ଡାକ୍ତରଖାନା, ୩୧ ଘାଟରେ ୩୦୦ ହିସାବରେ ୯୩୦୦ ଗୋତାଖୋର, ୭୫୦୦୦ ସୁରକ୍ଷା କର୍ମୀ, ୧୦୦ ଏନଏସଜି କମାଣ୍ଡୋ, ୫୬ ଥାନା, ୧୫୫ ପୁଲିସ ଚୌକି, ୧୨୩ ୱାଚ ଟାୱାର, ଡ୍ରୋନ, ୪୩୦୦ ଅଗ୍ନି ସୁରକ୍ଷା ୟୁନିଟ, ୨୭୦୦ , ୪୦୦ ମହିଳା ପୁଲିସ, ୩୦ ଜଣ ଗୁପ୍ତଚର, ୧୫୦୦୦ ଯବାନ, ଏନଡିଆରଏଫ୍, ଏସଡିଆରଏଫ୍, ଏସଟିଏଫ୍, ପିଏସି, ଏଟିସି, ୫୧୦୦୦ ବିଜୁଳି ଖମ୍ବରେ ଛଜ କୋଡ଼, ୬୯୦୦୦ ଷ୍ଟ୍ରିଟ ଲାଇଟ, କୃତ୍ରିମ ବୁଦ୍ଧିମତ୍ତା ପରିଚାଳିତ ଡ୍ରୋନ ଓ ଏଣ୍ଟି ଡ୍ରୋନ, ୧୦ ଲକ୍ଷ ଲୋକଙ୍କ ପାଇଁ ଟେଣ୍ଟ ସିଟି, ୨୫୦ ଶଯ୍ୟା ବିଶିଷ୍ଟ ୧୦୨ ଗୋଟି ଆଶ୍ରୟ ସ୍ଥଳ, ୩୦୦୦ ଲୋକଙ୍କ ପାଇଁ ରେନ ବସେରା, ୨୦୪ ଗେଷ୍ଟ ହାଉସ, ୯୦ ଧର୍ମଶାଳାରେ ଦେୟ ଯୁକ୍ତ ଆତିଥ୍ୟ, ରାଜ୍ୟ ପୁଲିସ ପେଟ୍ରୋଲିଙ୍ଗ, ସାତ ଥକିଆ ସୁରକ୍ଷା ପ୍ରାବଧାନ, ସାତ ପ୍ରବେଶ ଦ୍ୱାରରେ ୧୦୨ ପୁଲିସ ମୁତୟନ, ପର୍ଯ୍ୟଟକଙ୍କ ନାମ, ଠିକଣା ଆଦି ପଞ୍ଜିକରଣ ଇତ୍ୟାଦି । ଅଭୁତପୂର୍ବ ଆଗୁଆ ପ୍ରସ୍ତୁତି । ପ୍ରାକ ସାବଧାନତା । ତଥାପି ଦୁଇ ଦୁଇଟି ଦୁଃଖଦ ଅଘଟଣ । ଭୟାବହ ଅଗ୍ନିକାଣ୍ଡ ଏବଂ ଉଦବେଳିତ ଦଳାଚକଟା । ସେକ୍ଟର ୧୯ ଓ ସେକ୍ଟର ୨୧ର ପ୍ରାୟ ୨୦୦ରୁ ଅଧିକ ଟେଣ୍ଟ ଭସ୍ମୀଭୂତ । ବିପୁଳ ବ୍ୟକ୍ତିଗତ ଓ ସରକାରୀ ସମ୍ପତ୍ତି ନଷ୍ଟ । ଅଗ୍ନିଶମ ସେବାର ତ୍ୱରିତ କାର୍ଯ୍ୟାନୁଷ୍ଠାନ ଯୋଗୁଁ ଅଗଣିତ ଭକ୍ତଙ୍କ ପୁନର୍ଜୀବନ ପ୍ରାପ୍ତି । ଅକାଳ ମୃତ୍ୟୁ ମୁଖରୁ ଆକସ୍ମିକ ରକ୍ଷା । ତଦ୍ରୂପ ମୌନି ଅମାବାସ୍ୟାର ଶାହୀ ସ୍ନାନ ଦଳା ଚକଟା । ଦୁଃଖଦ ଦୁର୍ଭାଗ୍ୟପୂର୍ଣ୍ଣ ଏବଂ ଲୋମହର୍ଷଣକାରୀ । ୩୦ ଜଣ ଶ୍ରଦ୍ଧାଳୁଙ୍କ ଅକାଳ ମୃତ୍ୟୁ । ଷାଠିଏରୁ ଅଧିକ ଲୋକ କ୍ଷତାହତ । ନିକଟସ୍ଥ ଡାକ୍ତରଖାନାରେ ଚିକିତ୍ସାଧୀନ । ଶୋକାକୁଳ ପରିବେଶ । ଆତ୍ମୀୟ ସ୍ୱଜନ ହରାଇ ଦୁଃଖିତ । ମୃତକଙ୍କ ପରିବାର ପରିଜନ ଅତ୍ୟନ୍ତ ମର୍ମାହତ । ଏପଟେ କିନ୍ତୁ ଶାସକ ଏବଂ ବିରୋଧୀଦଳ ମଧ୍ୟରେ ଅବିରାମ ବାକ୍ ଯୁଦ୍ଧ । କାଦୁଅ ଫୋପାଡାଫୋପିଡି । ଆରୋପ ପ୍ରତ୍ୟାରୋପ । ଦୋଷ ଲଦାଲଦି । ଆଗକୁ କିଭଳି ସତର୍କତା ଅବଲମ୍ବନ କଲେ ଏତାଦୃଶ ଦୁଃଖଦ ଅଘଟଣର ପୁନରାବୃତ୍ତି ଆଶଙ୍କା ରହିବ ନାହିଁ, ତାରି ଉପରେ କାହାରି ନଜର ନାହିଁ । ଏବେ ମହାକୁମ୍ଭର ଦୁଇ ତୃତୀୟାଂଶ ସମୟ ଅତିକ୍ରାନ୍ତ । ଆଗକୁ ଆଉ ଏକ ତୃତୀୟାଂଶ ସମୟ ଅବଶେଷ । ଏସମୟ ମଧ ବେଶ୍ ଆହ୍ୱାନପୂର୍ଣ୍ଣ । ପର୍ଯ୍ୟାପ୍ତ ସତର୍କତା ଅବଲମ୍ବନ ନକଲେ ପୁନଃ ଦୁର୍ଦ୍ଦଶାର ଦିନ ନଆସିବ ଏହା କିଏ କହିପାରିବ ? ସନ୍ତର୍ପଣରେ ପାଦ ଥାପିବା କଥା । ହାତେ ଫୁଙ୍କି ଚାଖଣ୍ଡେ ଚାଲିବା ଆବଶ୍ୟକ । ମେଳାକୁ ଅଧିକ ବ୍ୟବସ୍ଥିତ କରିବା ସକାଶେ ଇତ୍ୟବସରରେ କେତେକ ମହତ୍ତ୍ୱପୂର୍ଣ୍ଣ ଦିଶାନିର୍ଦ୍ଦେଶ ଆଣିଛନ୍ତି ସ୍ଥାନୀୟ ପ୍ରଶାସନ । ମେଳା ଅଞ୍ଚଳକୁ ଯାନବାହାନ ପ୍ରବେଶ କଟକଣା, ବ୍ୟତିକ୍ରମ ବ୍ୟତୀରେକ ଅନ୍ୟ ସମସ୍ତ ଭିଭିଆଇପି ଓ ସ୍ୱତନ୍ତ୍ର ଗାଡି ପାସ୍ ବାତିଲ, ଶ୍ରଦ୍ଧାଳୁଙ୍କ ଶୃଙ୍ଖଳିତ ଯାତାୟାତ ପାଇଁ ଏକତରଫା ଟ୍ରାଫିକ ବ୍ୟବସ୍ଥା ଏବଂ ସହରକୁ ଚାରି ଚକିଆ ଯାନ ପ୍ରବେଶ ନିଷେଧ ଇତ୍ୟାଦି ଏହାର ଅନ୍ତର୍ଭୁକ୍ତ ।

ଚଳିତ ବର୍ଷର ମହାକୁମ୍ଭରେ ଅଗ୍ନିକାଣ୍ଡ ଏବଂ ଦଳା ଚକଟା ପ୍ରଥମ ନୁହେଁ । ଅତୀତରେ ଏମିତି ଏକାଧିକ ଅଘଟଣ ଅଙ୍ଗେ ନିଭେଇଛି ବିଶ୍ୱର ସର୍ବବୃହତ ଧାର୍ମିକ ସମାବେଶ ଭାବେ ପରିଗଣିତ କୁମ୍ଭମେଳା । ୧୯୫୪ ମସିହା ଆହ୍ଲାବାଦ ମୌନି ଅମାବାସ୍ୟା ଶାହୀ ସ୍ନାନରେ , ୧୯୮୫ ମସିହା ହରିଦ୍ୱାରରେ, ୨୦୦୩ ମସିହା ମହାରାଷ୍ଟ୍ରର ନାସିକ ଗୋଦାବରୀ ନଦୀ ତଟରେ ଏବଂ ୨୦୧୩ ଆହ୍ଲାବାଦ ରେଲ ଷ୍ଟେସନର ଫୁଟ ବ୍ରିଜ ଭୁଷୁଡ଼ିବା ଫଳରେ ଯଥାକ୍ରମେ ୮୦୦, ୨୦୦, ୩୯ ଏବଂ ୪୭ ଶ୍ରଦ୍ଧାଳୁଙ୍କ ଜୀବନ ଯାଇଥିଲା । କାରଣ ସମାନ । ଦଳାଚକଟା ଓ ସଲିଳ ସମାଧି । ସମୀକ୍ଷା କରିନାହାନ୍ତି ବୋଧେ ଆମେ ଅତୀତ ଅଘଟଣକୁ । ଉଦାସୀନ ଓ ଅନାଗ୍ରହୀ ରହିଛନ୍ତି ଅନ୍ତର୍ନିହିତ କାରଣ ଜାଣିବାକୁ । ଉଦ୍ୟମ କରିନାହାନ୍ତି ନିରାକରଣ ସକାଶେ । ବିଗତ ଦିନର ତ୍ରୁଟି ବିଚ୍ୟୁତି ଗଭୀରତାର ସହିତ ନେଇଥିଲେ ଏତାଦୃଶାବସ୍ଥାକୁ ଅସ୍ୱାଭାବିକ କହି ପାରିଥାନ୍ତେ । ଭୂତକାଳର ଅଘଟଣ ଅନଭିଜ୍ଞତା ଏଭଳି ଅପରିଣାମଦର୍ଶିତାର ବାର୍ତ୍ତାବାହ କି ?

ତେବେ, ଭୂଲ ରହୁଛି କେଉଁଠି ? କାହିଁକି ବାରମ୍ବାର ଘଟୁଛି ଏମିତି ଅଘଟଣ ? ପର୍ଯ୍ୟାପ୍ତ ବ୍ୟବସ୍ଥାଭାବ ନା କର୍ତ୍ତବ୍ୟରେ ଅବହେଳା ? ଅପ୍ରତ୍ୟାଶିତ ନା ମଣିଷକୃତ ? ହୁଗୁଳା ସୁରକ୍ଷା ନା ଶାହୀ ସ୍ନାନାକାଂକ୍ଷା ପାଇଁ ନିୟମକୁ ଫୁ ? ପ୍ରଶାସନିକ ପ୍ରତିବଦ୍ଧତାର ଅଭାବ ନା ଭିଡ଼ତନ୍ତ୍ରର ବିଶୃଙ୍ଖଳିତ ଆଚରଣ ? ଯାହା ବି ହଉନା କାହିଁକି ଶ୍ରଦ୍ଧାଳୁଙ୍କ ଆଗମନ, ଅବସ୍ଥାନ, ସାଧୁସନ୍ଥ ଦର୍ଶନ, ଅମୃତ ସ୍ନାନ, ପରିଭ୍ରମଣ, ନିରାପତ୍ତା ଏବଂ ସୁରକ୍ଷା ଓ ସକୁଶଳେ ସ୍ୱଗୃହ ପ୍ରତ୍ୟାବର୍ତ୍ତନ ଇତ୍ୟାଦି ପ୍ରଶାସନର ସଂପୂର୍ଣ୍ଣ ଦାୟିତ୍ୱ । ତାସହିତ ପ୍ରଶାସନକୁ ସବୁ କ୍ଷେତ୍ରରେ ଶ୍ରଦ୍ଧାଳୁଙ୍କ ସ୍ୱାର୍ଥ ରହିତ ସହଯୋଗ ମଧ ଏକାନ୍ତ ବାଞ୍ଛନୀୟ । ପାରସ୍ପରିକ ସମ୍ପର୍କ ଓ ସମନ୍ୱୟ ଅନୁରକ୍ଷିତ ହେଲେ ଅକ୍ଳେଶରେ ରୋକାଯାଇ ପାରିଥାନ୍ତା ଯେକୌଣସି ଅସମ୍ଭାବିତ ଅଘଟଣ । କେତେକ ଲୋକ ମତ ଦିଅନ୍ତି ପବିତ୍ର ତୀର୍ଥ କ୍ଷେତ୍ରରେ ପ୍ରାଣତ୍ୟାଗ ସ୍ୱର୍ଗପ୍ରାପ୍ତିର ସୂଚକ । ମୋକ୍ଷ ପ୍ରାପ୍ତିର ପୂର୍ବାନୁମାନ । ପରନ୍ତୁ ଏହା ସର୍ବଦୈବ ଅଗ୍ରହଣୀୟ । ଅନସ୍ୱୀକାର୍ଯ୍ୟ । ଭଗବାନ କାଳେ କାଳେ ଭକ୍ତର ଭାବ ଏବଂ ଭକ୍ତିର ଭୋକିଲା । ଅକାଳ ମରଣରେ ନୁହଁ ।

ମୌନି ଅମାବାସ୍ୟା ସମସ୍ତଙ୍କୁ ମୌନ କରିଛି । ଅସ୍ୱାଭାବିକ ଅଘଟଣର ନ୍ୟାୟିକ ତଦନ୍ତାଦେଶ ଦେଇଛନ୍ତି ସରକାର । ଏବେ ଅପେକ୍ଷା କେବଳ ନ୍ୟାୟିକ ଯାଞ୍ଚର ଫଳାଫଳକୁ । କେଉଁଠି ତ୍ରୁଟି ବିଚ୍ୟୁତି ରହୁଛି ତାର ଉନ୍ମୋଚନକୁ ଓ ତାରି ଆଧାରରେ ପରବର୍ତ୍ତୀ କୁମ୍ଭମେଳାକୁ ଅଧିକ ଶୃଙ୍ଖଳିତ ଏବଂ ସଙ୍କଟ ମୁକ୍ତ କରିବାକୁ ।

**ପ୍ରାକ୍ତନ ଜିଲ୍ଲା ଶିକ୍ଷା ଅଧିକାରୀ,**
**ସମ୍ବଲପୁର**

## ମୂଳା ପତ୍ରର ଔଷଧୀୟ ଗୁଣ

ମୂଳା ପତ୍ରକୁ ସିଝାଇ ସୁପ ପରି ସେବନ କଲେ କେଶ ଓ ତ୍ୱଚାରେ ବିଶେଷ ଚମକ ଆସିଥାଏ ।

ବିଭିନ୍ନ ଅନୁସନ୍ଧାନରୁ ଜଣାପଡିଛି ଯେ ମୂଳାପତ୍ରରେ କର୍କଟ । ପ୍ରତିରୋଧକ ଗୁଣ ଭରପୂର ଅଛି । ଏଣୁ ମୂଳା ସହ ମୂଳା ପତ୍ର ସିଝା ପାଣି ପିଇବା ଉତ୍ତମ ।



ଓଜନ କମ କରିବାକୁ ଚାହୁଁଥିବା ଲୋକେ ସାଲାଡ଼ରେ ମୂଳାପତ୍ରକୁ ବ୍ୟବହାର କରିବା ଆବଶ୍ୟକ । ୧ ମାସ ଏହାକୁ ଖାଇବା ପରେ ଓଜନ ୩-୪ କିଲୋ କମ୍ ହୋଇଥାଏ ବୋଲି ବିଶେଷଜ୍ଞଙ୍କ ମତ ।

ଫାଇବର ଭରପୁର ଥିବା ମୂଳା ପତ୍ରକୁ ବିଭିନ୍ନ ବ୍ୟଞ୍ଜନରେ ଉପଯୋଗ କଲେ ତାହା ହଜମ କ୍ରିୟା ଉତ୍ତମ କରେ ।

## ସୁସ୍ଥ ରଖେ ସକାରାତ୍ମକ ଭାବପ୍ରବଣତା

ଦୈନନ୍ଦିନ ଜୀବନରେ ଯେଉଁ ଲୋକଙ୍କ ମନରେ ସକାରାତ୍ମକ ଭାବପ୍ରବଣତା ସୃଷ୍ଟି ହୁଏ ସେମାନଙ୍କର ଦୁରାରୋଗ୍ୟ ବ୍ୟାଧି ଏବଂ ଅକାଳ ମୃତ୍ୟୁ ଆଶଙ୍କା କମ୍ ବୋଲି ଏକ ଅଧ୍ୟୟନରେ କୁହାଯାଇଛି । ମନର ଉତ୍ସାହ, ଆନନ୍ଦ ଏବଂ ଶାନ୍ତି ସୁସ୍ଥ ରହିବାର କାରଣ ବୋଲି ଗବେଷକମାନେ ବର୍ଣ୍ଣନା କରିଛନ୍ତି । ଆମେରିକାସ୍ଥିତ କର୍ନେଲ ୟୁନିଭର୍ସିଟି ଗବେଷକମାନେ ଜାଣିବାକୁ ପାଇଛନ୍ତି ଯେ, ଯେଉଁ ଲୋକମାନେ ଅନେକ ପ୍ରକାର ଖୁସୀ ଅନୁଭବ କରନ୍ତି ସେମାନେ ନକାରାତ୍ମକ ଭାବପ୍ରବଣ ବ୍ୟକ୍ତିଙ୍କ ତୁଳନାରେ କମ୍ ରୋଗରେ ପଡନ୍ତି । କମ୍ ଖୁସୀ ଅନୁଭବ କରୁଥିବା ଲୋକଙ୍କ ଦେହର କୋଷିକା କ୍ଷତିଗ୍ରସ୍ତ ହେବା ସହିତ , ଶାରୀରିକ ପ୍ରଦାହ, ଦେହରେ କୌଣସି ଅଂଶ ଫୁଲା ବା ଲାଲ୍ ପଡିଯିବା ଆଦି ଲକ୍ଷଣ ପ୍ରକାଶ ପାଏ । ଏଭଳି ଲକ୍ଷଣକୁ ଇନଫ୍ଲାମେଶନ୍ କୁହାଯାଏ । କର୍ନେଲ ୟୁନିଭର୍ସିଟି ପ୍ରଫେସର ଆନ୍ଥୋନି ଓଙ୍ଗ୍ କହନ୍ତି, ବିଭିନ୍ନ ପ୍ରକାର ଖୁସୀ ଅନୁଭବ କରିହୁଏ । ବିଭିନ୍ନ ସକାରାତ୍ମକ ଭାବପ୍ରବଣତା ଦ୍ୱାରା ଖୁସୀକୁ ଆୟତ୍ତ କରିହୁଏ । ଓଙ୍ଗ୍ ଏବଂ ତାଙ୍କର ସାଥୀମାନେ ବିଭିନ୍ନ ଭାବପ୍ରବଣତା ସହିତ ଶରୀରର ଉପରି ଭାଗରେ ଦେଖାଯାଉଥିବା କେତେକ ରୋଗର ଲକ୍ଷଣ ସମ୍ପର୍କରେ ବିଶ୍ଳେଷଣ କରିଥିଲେ । ସେମାନେ ୪୦ରୁ ୬୫ ବର୍ଷ ବୟସ୍କ ୧୭୫ ଜଣ ଲୋକଙ୍କ ଠାରୁ ତଥ୍ୟସଂଗ୍ରହ କରିଥିଲେ । ଲୋକମାନେ ସେମାନଙ୍କ ସକାରାତ୍ମକ ଏବଂ ନକାରାତ୍ମକ ଭାବପ୍ରବଣତା ବିଷୟରେ ସନ୍ଧ୍ୟା ସମୟରେ ପ୍ରକାଶ କରୁଥିଲେ । ପ୍ରତି ସନ୍ଧ୍ୟାରେ ଗବେଷକମାନେ ଲୋକମାନଙ୍କ ଖୁସୀକୁ ରେଟିଂ କରୁଥିଲେ । ଲୋକମାନଙ୍କ ଉତ୍ସାହ, ଆମୋଦ, ପ୍ରେରଣା, ଜାଗରଣ, ସକ୍ରିୟତା ଏବଂ ଦୃଢ଼ତା ଭଳି ୧୬ଟି ନକାରାତ୍ମକ ଭାବପ୍ରବଣତା ବିଚାରକୁ ନିଆଯାଇଥିଲା । ୬ ମାସ ପରେ ଅଂଶ ଗ୍ରହଣକାରୀଙ୍କ ରକ୍ତ ପରୀକ୍ଷା କରାଯାଇଏଥିରେ ଇନଫ୍ଲାମେଶନର ୩ଟି ଲକ୍ଷଣ ଅଛି କି ନାହିଁ ପରୀକ୍ଷା କରାଯାଇଥିଲା । ଯେଉଁ ଲୋକମାନେ ଅଧିକ ସକାରାତ୍ମକ ଭାବପ୍ରବଣତା ଅନୁଭବ କରିଥିବାର ପ୍ରକାଶ କରିଥିଲେ ସେମାନଙ୍କଠାରେ ଇନଫ୍ଲାମେଶନ ମାତ୍ର କମ୍ ଥିବା ବେଳେ ଯେଉଁମାନେ ଅଧିକ ନକାରାତ୍ମକ ଭାବପ୍ରବଣତା ଅନୁଭବ କରିଥିବା ପ୍ରକାଶ କରିଥିଲେ । ସେମାନଙ୍କ ଠାରେ ଇନଫ୍ଲାମେଶନ ମାତ୍ରା ବେଶୀ ଥିବା ଜଣାପଡିଥିଲା । ଭାବପ୍ରବଣତା ମଣିଷର ଦୈନନ୍ଦିନ ଜୀବନରେ ସହାୟକ ହୁଏ । କୌଣସି ପ୍ରକାର ଭାବପ୍ରବଣତା ଦୁଃଖଦ ପରିସ୍ଥିତିରେ ମନେପଡିଗଲେ ସେ ଦୁଃଖ ଏତେଟା ବାଧେ ନାହିଁ ବୋଲି ଏହି ଅଧ୍ୟୟନର ପ୍ରମୁଖ ଲେଖକ ଓଙ୍ଗ୍ ପ୍ରକାଶ କରିଛନ୍ତି । ବିଶେଷକରି ଅଧିକ ସକାରାତ୍ମକ ଭାବପ୍ରବଣ ବ୍ୟକ୍ତିମାନେ ମାନସିକ ଶାନ୍ତିଲାଭ କରିବା ସହିତ ଶରୀରକୁ ରୋଗଠାରୁ ଦୂରେଇ ରଖି ପାରିଥାନ୍ତି ।



### ଆଜିର ଚିନ୍ତନ

ଦେବଗୁରୁ ଆଚାର୍ଯ୍ୟ ବୃହସ୍ପତିଙ୍କ ପୁତ୍ର କଚଙ୍କର ବ୍ରହ୍ମସାକ୍ଷାତ୍କାର କରିବା ପାଇଁ ଇଚ୍ଛା ହେଲା । ଏଥିପାଇଁ ସେ ବଣରେ ଯାଇ ତପ କରିବାରେ ଲାଗିଲେ । କିଛି ବର୍ଷ ବିତିଗଲା । ଦିନେ ଆଚାର୍ଯ୍ୟ ତାଙ୍କୁ ଦେଖିବା ପାଇଁ ବଣକୁ ଗଲେ । ସେଠାରେ ସେ କଚଙ୍କୁ ବହୁତ କମ୍ ଆହାର ଗ୍ରହଣ କରୁଥିବାର ଦେଖିଲେ । ବୃହସ୍ପତି ତାଙ୍କୁ ପଚାରିଲେ– 'ପୁତ୍ର । ତୁମେ ତପ କରି କ'ଣ ପାଇଲ ? କଚ କହିଲେ– 'ପିତାଜୀ ! ମୁଁ ସମସ୍ତ ସୁଖ ତ୍ୟାଗ କରିଦେଲି, ତଥାପି ମୋର ବ୍ରହ୍ମସାକ୍ଷାତ୍କାର ହେଲା ନାହିଁ ।' ଏ ଉପରେ ବୃହସ୍ପତି କହିଲେ– 'ପୁତ୍ର ! ସର୍ବତ୍ୟାଗ କରିଦେଲେ ତପ ସଫଳ ହେବ ।'' ଏହା ପରେ କଚ ସମସ୍ତ ବସ୍ତ୍ର ଓ ଭୋଜନ ପୂର୍ଣ୍ଣ ରୂପେ ତ୍ୟାଗ କରିଦେଲେ ଏବଂ କଠୋର ତପସ୍ୟାରେ ଲାଗି ପଡ଼ିଲେ । କିଛି ବର୍ଷ ପରେ ବୃହସ୍ପତି ତାଙ୍କୁ ଭେଟିବା ପାଇଁ ପହଞ୍ଚିଲେ । ପଚାରିବାରୁ କଚ ଏଥର ମଧ ପୂର୍ବ ଭଳି ଉତ୍ତର ଦେଲେ । ଏହା ଶୁଣି ଆଚାର୍ଯ୍ୟ ବୃହସ୍ପତି ତାଙ୍କୁ ବୁଝାଇ କହିଲେ– 'ପୁତ୍ର ! ସର୍ବତ୍ୟାଗର ଅର୍ଥ ବସ୍ତ୍ର ଉତାରିଦେବା ଓ ଆହାର ଛାଡ଼ିଦେବା ନୁହେଁ । ତୁମେ ଶାରୀରିକ ତପ ତ କରୁଛ, କିନ୍ତୁ ଆନ୍ତରିକ ତପ ଏବେ ବି ହୋଇପାରୁ ନାହିଁ । ସର୍ବତ୍ୟାଗର ଅର୍ଥ ନିଜର ଅହଂକାରକୁ ତ୍ୟାଗ କରିଦେବା । ବ୍ରହ୍ମଙ୍କୁ ପାଇବାକୁ ହେଲେ ତୁମକୁ ଅହଂର ତ୍ୟାଗ କରିବାକୁ ପଡ଼ିବ । ବର୍ତ୍ତମାନ ତୁମକୁ ନିଜର ଯେଉଁ ତ୍ୟାଗ ଉପରେ ଅଭିମାନ ଅଛି ଏବଂ ଯେଉଁ ଇନ୍ଦ୍ରିୟ ଦମନକୁ ତୁମେ ତପ ମାନୁଛ, ତାହା ତୁମ ସାଧନାର ସଫଳତାରେ ବାଧା ସୃଷ୍ଟି କରୁଛି । କଚ ନିଜ ପିତାଙ୍କ କଥା ବୁଝିଗଲେ ଓ ଅହଂକାର ତ୍ୟାଗ କରି ସାଧନାରେ ରତ ହୋଇଗଲେ । ଏପରି କରିବା ମାତ୍ରେ ତାଙ୍କର ବ୍ରହ୍ମସାକ୍ଷାତ୍କାର ହୋଇଗଲା ।

ବର୍ଷ ୨୯, ସଂଖ୍ୟା - ୭, ୧୭ - ୨୨ ଫେବୃଆରୀ ୨୦୨୫

# ମନୁଷ୍ୟକୁ ଗୋଲାମ କରି ଦେଉଥିବା ସୋସିଆଲ ମିଡିଆ

**ସୋ**ସିଆଲ ମିଡିଆ ଆଜି ଜନଜୀବନର ଅଭିନ୍ନ ଅଙ୍ଗ ପାଲଟି ଯାଇଛି । କି ପିଲା, କି ବୁଢ଼ା, ଯୁବା, ପ୍ରୌଢ଼ ତଥା ସ୍ତ୍ରୀ-ପୁରୁଷ, ସମସ୍ତେ ଏଥିରେ ଦିନର ପର୍ଯ୍ୟାପ୍ତ ସମୟ ବିତାଉଥିବାର ଦେଖାଯାଇପାରେ । ପୂର୍ବରୁ ଲୋକଙ୍କ ସହିତ ଯୋଡ଼ିହେବା କଠିନ ହେଉଥିବା ବେଳେ ଆଜି ଗୋଟିଏ କ୍ଲିକରେ ହଜାର ହଜାର ଲୋକଙ୍କ ସହିତ ଏକସଙ୍ଗେ ଯୋଡ଼ିହେବା ସମ୍ଭବ ହୋଇଯାଇଛି, ଏକଥା ସତ୍ୟ । ଏହି ଦୃଷ୍ଟିରୁ ସୋସିଆଲ ମିଡିଆର ନାମ ସାର୍ଥକ ହେଉଥିବାର ଦେଖାଯାଉଛି, କିନ୍ତୁ ଏହା ସହିତ ଏହାର ନିଶାରେ ଶିକାର ହେଉଥିବା ଅଧିକାଂଶ ଉପଭୋକ୍ତା ନିଜ ଠାରୁ ଓ ପରିବାର-ସମାଜ ଠାରୁ ମଧ ବିଚ୍ଛିନ୍ନ ହୋଇଯାଉଛନ୍ତି । ଏପରି ସ୍ଥିତିରେ ସୋସିଆଲ ମିଡିଆ ଯୋଗୁଁ ଲୋକେ ଅଧିକ ଅସାମାଜିକ ହୋଇଯାଉଛନ୍ତି ତଥା ପରିବାର ଓ ସମାଜ ସକାଶେ ଚିନ୍ତାର ବିଷୟ ପାଲଟି ଯାଉଛନ୍ତି । ଆମେ କମ୍ପ୍ୟୁଟର ଓ ସ୍ମାର୍ଟଫୋନର ଯୁଗରେ ଜୀବନଯାପନ କରୁଛେ, ଏଥିରେ ସନ୍ଦେହ ନାହିଁ । କୃତ୍ରିମ ବୁଦ୍ଧି ଏଥିରେ ନୂତନ ଦିଶା ଯୋଡ଼ି ଦେଇଛି । ଏସବୁ ଜୀବନର ଅଭିନ୍ନ ଅଙ୍ଗ ପାଲଟିଯିବାରେ ଲାଗିଛି । ଜୀବନକୁ ସରଳ କରାଇବାରେ ଏଗୁଡ଼ିକର ଗୁରୁତ୍ୱକୁ ଦେଖି ଆମେ ଏସବୁର ମହିମାମଣ୍ଡନରେ ମଧ ପଛେଇ ଯାଇ ନାହେଁ, କିନ୍ତୁ ଏଗୁଡ଼ିକର ଅଭ୍ୟାସ ମନୁଷ୍ୟକୁ ବି ଗୋଲାମ କରିଦେଇଛି ।

ସୋସିଆଲ ମିଡିଆରେ ଘଣ୍ଟା ଘଣ୍ଟା ସ୍କ୍ରୁଲ କରିବାରେ ବିତିଯିବା, ବାରମ୍ବାର ମୋବାଇଲ ଚେକ୍ କରିବା, ମୋବାଇଲ ବିନା ବ୍ୟାକୁଳତା ଅନୁଭବ କରିବା – ଏସବୁ ଲକ୍ଷଣ ମୋବାଇଲର ନିଶା ଅଟେ । ଯାହା ଆମ କାର୍ଯ୍ୟର ଉତ୍ପାଦକତାକୁ ପ୍ରଭାବିତ କରିବା ସଙ୍ଗେ ସଙ୍ଗେ ଆମର ପାରସ୍ପରିକ ସମ୍ବନ୍ଧଗୁଡ଼ିକ ଉପରେ ନକାରାତ୍ମକ ପ୍ରଭାବ ପକାଉଛି, ଏହା ଫଳରେ ମାନସିକ ସ୍ୱାସ୍ଥ୍ୟ ଗଭୀର ଭାବରେ ପ୍ରଭାବିତ ହେଉଛି । ସୋସିଆଲ ମିଡିଆ ସହିତ ପରସ୍ପର ଠାରୁ ଆଗକୁ ବଢ଼ିବାର ପ୍ରତିଯୋଗିତା, ଈର୍ଷା, ଆବେଶ, ଚାପ ଓ ଅବସାଦ ଭଳି ସମସ୍ୟାଗୁଡ଼ିକ ମଧ ସାଧାରଣ ହୋଇଯିବାରେ ଲାଗିଛି ।

କିଛି ଦଶକ ପୂର୍ବେ ବିଶ୍ୱ ଯେଉଁଠି ବ୍ୟାପକ ବିନାଶର ହତିଆରଗୁଡ଼ିକର ଆହ୍ୱାନ ସହିତ ସଂଘର୍ଷ କରୁଥିଲା, ସେଇଠି ଆଜି ସୋସିଆଲ ମିଡିଆ ଧ୍ୟାନକୁ ଭ୍ରମିତ କରୁଥିବା ଏକ ଘାତକ ହତିଆର ହୋଇଯାଇଛି । ସୋସିଆଲ ମିଡିଆ ସହ ଜଡ଼ିତ ଏକ ଘଟଣାକ୍ରମର ଶୁଣାଣି କରି କିଛି ଦିନ ପୂର୍ବେ ମୁମ୍ବାଇ ହାଇକୋର୍ଟର ଗୋଆ ପୀଠର ବିଚାରପତି ମହୋଦୟ କହିଥିଲେ – 'ସୋସିଆଲ ମିଡିଆ ବ୍ୟାପକ ମାତ୍ରାରେ ଧ୍ୟାନକୁ ଭ୍ରମିତ କରିବାର ଘାତକ ହତିଆର ହୋଇଯାଇଛି । ଏଥିରୁ ବର୍ଷିବା ପାଇଁ ବର୍ତ୍ତମାନ ସୁଦ୍ଧା କୌଣସି ବଳିଷ୍ଠ ପ୍ରୟାସ କରା ନଯିବା ଚିନ୍ତାର ବିଷୟ । ଏଥରେ ଭ୍ରାମକ ସୂଚନାଗୁଡ଼ିକ ଭରପୂର ହୋଇ ରହିଛି । ତେଣୁ ଏଥିରୁ ମୁକୁଳିବାର ଉପାୟ ଖୋଜିବାର ଆବଶ୍ୟକତା ରହିଛି । ସେ ପୁଣି କହିଥିଲେ– 'ଭୁଲ ସୂଚନା ପାଇବା ଅପେକ୍ଷା ଭ୍ରମକ ଖବରଗୁଡ଼ିକୁ ନ ଦେଖି ବା ନ ଶୁଣି, ପ୍ରସଙ୍ଗଗୁଡ଼ିକ ପ୍ରତି ଅଜ୍ଞାତ ହୋଇ ରହିବା ଉତ୍ତମ ।

ଆଗକୁ ସେ ଆହୁରି କହିଥିଲେ– 'ସୋସିଆଲ ମିଡ଼ିଆ ଓ ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସର ଯୁଗରେ ଆମେ ନିଜର ବିଚାର କରିବାର କ୍ଷମତାକୁ ଦୁର୍ବଳ ନ କରିବା ଉଚିତ, ଅନ୍ୟଥା ଜଣେ ମଣିଷ ଓ ଗୋଟିଏ ମେସିନ ମଧରେ କୌଣସି ବିଶେଷ ପାର୍ଥକ୍ୟ ରହିବ ନାହିଁ । କୃତ୍ରିମ ବୁଦ୍ଧିମତ୍ତାର ନିଜସ୍ୱ ବିଶେଷତା ଥାଇପାରେ, କିନ୍ତୁ ଆମେ ନିଜର ବିଚାର କରିବାର କ୍ଷମତା, ବୁଦ୍ଧିମତ୍ତା ଓ ସଂବେଦନଶୀଳତାକୁ କୌଣସି ମେସିନ ବା କମ୍ପ୍ୟୁଟର ଅଗୋରିଦମ୍ ଅଧୀନ କରିଦେବା ଠାରୁ ବଳି ଦୁଃଖର କଥା ଦେଶ-ଦୁନିଆରେ ଅନ୍ୟ କିଛି ହେବ ନାହିଁ ।ଇତି ମଧରେ ଆମେରିକାର ଘଟଣାକ୍ରମ ସୋସିଆଲ ମିଡିଆର ଗମ୍ଭୀର ବିପଦଗୁଡ଼ିକର ଚିନ୍ତାକୁ ସ୍ପଷ୍ଟ କରିଦେଇଛି, ଯେଉଁଠି ଏହାର ନିଶା କାରଣରୁ ପିଲାମାନଙ୍କ ଜୀବନ ବରବାଦ ହେଉଛି । ଏପରିକି ବଡ଼ମାନେ ବି ଏଥିରୁ ବର୍ତିପାରୁ ନାହାନ୍ତି । ପିଲାମାନଙ୍କ ଉପରେ ତ ଏହାର ପ୍ରଭାବ ଅଧିକ ବିପଜ୍ଜନକ ସ୍ତର ପର୍ଯ୍ୟନ୍ତ ପହଞ୍ଚି ଯାଇଛି ।

ଏହି କାରଣରୁ ଆମେରିକାର ୫୦ ରୁ ୪୧ଟି ରାଜ୍ୟ ନିଜର ପିଲାମାନଙ୍କୁ ସୋସିଆଲ ମିଡିଆର ନିଶାରୁ ମୁକ୍ତ ରଖିବା ପାଇଁ ଫେସ୍‌ବୁକ, ଇନ୍‌ଷ୍ଟାଗ୍ରାମ, ହ୍ୱାଟ୍ସଆପ୍ ମାଲିକାନା କମ୍ପାନୀ ମେଟା ପ୍ଲାଟ୍‌ଫର୍ମ ବିରୁଦ୍ଧରେ ଅଭିଯୋଗ ଦାଖଲ କରିଛନ୍ତି । ଅଭିଯୋଗରେ କୁହାଯାଇଛି ଯେ ମେଟା ଜାଣିଶୁଣି ଏଭଳି ଫିଚର୍ସ ପ୍ରସ୍ତୁତ କରିଛି, ଯାହା ପିଲା ଓ କିଶୋରମାନଙ୍କୁ ଏଥରେ ନିଶାଗ୍ରସ୍ତ କରାଇ ଦେଉଛି । ବଡ଼ମାନେ ବି ଏଥିରୁ ରକ୍ଷା ପାଇପାରୁ ନାହାନ୍ତି । ମେଟା ନିଜର ଲାଭ ପାଇଁ ସେମାନଙ୍କ ଦୁର୍ବଳତାର ଫାଇଦା ଉଠାଉଛି ।

କିଶୋରମାନେ ସାମାଜିକ ରୂପେ ଯୋଡ଼ିହୋଇ ରହିବାକୁ ଚାହାନ୍ତି, ଯେହେତୁ ସେମାନଙ୍କ ମସ୍ତିଷ୍କ ବା ମାନସିକ ସଂରଚନା ସେପରି ହୋଇଥାଏ । ସୋସିଆଲ ମିଡିଆ ଏହାର ସୁଯୋଗ ଦେଇଥାଏ । ଏଠାରେ କେବଳ ସମ୍ପର୍କ ନୁହେଁ, ବରଂ ଲାଇକ୍ସ ଓ ପ୍ରତିକ୍ରିୟା ବି ମିଳିଥାଏ । ମନୋଚିକିତ୍ସକ ଡେଭିଡ ଗ୍ରୀନଫିଲ୍ଡ ମେଟା ଭଳି କମ୍ପାନୀଗୁଡ଼ିକର ଶକ୍ତିଶାଳୀ ଟେକ୍‌ନିକ୍ ଇଣ୍ଟରମିଟନାରୀ ଏନ୍‌ଫୋର୍ସମେଣ୍ଟର ଉଲ୍ଲେଖ କରି କହିଛନ୍ତି ଯେ ଏହା ଉପଭୋକ୍ତାମାନଙ୍କୁ ପୋଷ୍ଟ କରାଯାଇଥିବା କମେଣ୍ଟସ୍, ଛବି, ଭିଡିଓ ସକାଶେ ସେମାନଙ୍କୁ ଅନ୍ୟ ଲୋକଙ୍କର ଲାଇକ୍ସ ଓ ପ୍ରତିକ୍ରିୟା ମିଳିବ, ଯାହା ସେମାନଙ୍କର ପୁରସ୍କାର ହେବ ବୋଲି କହିଥାଏ, କିନ୍ତୁ ଏହା କେବେ ମିଳିବ ସ୍ଥିର ହୋଇ ନଥାଏ ।

ଏହି ପୁରସ୍କାରର ଲାଳସା ହିଁ ସେମାନଙ୍କୁ ଏମିତି ନିଶାଗ୍ରସ୍ତ କରିଦେଉଛି । ଏହା କିଛି ମାତ୍ରାରେ ଜୁଆ ଆଡ୍‌ଡାରେ ଲାଗିଥିବା ମେସିନଗୁଡ଼ିକ ଭଳି, ଯେଉଁଥିରେ ରଙ୍ଗବେରଙ୍ଗର ଲାଇଟ ଜଳିଥାଏ, ସଙ୍ଗୀତ ବାଜିଥାଏ ଏବଂ କିଛି ପାଇବାର ସମ୍ଭାବନା ଅର୍ଥାତ୍ ପୁରସ୍କାରର ଲାଳସା ରହିଥାଏ । ଏହି ଟେକ୍‌ନିକ୍ ଉପଭୋକ୍ତାମାନଙ୍କ ସୋସିଆଲ ମିଡିଆରେ ଲାଖି ରହିଥାଏ । ଏଥିରୁ ବଡ଼ମାନେ ବି ବର୍ତ୍ତିପାରୁ ନାହାନ୍ତି, ଯେତେବେଳେ କି ପିଲା ଓ କିଶୋରମାନଙ୍କ ସ୍ଥିତି ଅବଧି ବିପଦରେ ରହିଛି ।


ଏହିପରି ଇଣ୍ଟରନେଟ ସାମଗ୍ରୀ ମାଦକ ପଦାର୍ଥ ଭଳି । ଅନେକ ମାମଲାରେ ସୋସିଆଲ ମିଡିଆ ଓ ଇଣ୍ଟରନେଟ କାରଣରୁ ପିଲାଙ୍କ ପଢ଼ାପଢ଼ି, ସ୍କୁଲ, ନିଦ ମଧ ପ୍ରଭାବିତ ହେଉଛି ।

ସୋସିଆଲ ମିଡିଆରେ କିଛି ଲୋକ ଅନ୍ୟମାନଙ୍କର ଅଧିକ ଫଲୋଅର୍ସ ଏବଂ ନିଜର ପୋଷ୍ଟ ପାଇଁ କମ୍ କମେଣ୍ଟ ଓ ଲାଇକ୍ସ ଯୋଗୁଁ ଅବସାଦଗ୍ରସ୍ତ ହେଉଛନ୍ତି । ଅନିଦ୍ରାରୁ ଆରମ୍ଭ କରି ମୁଣ୍ଡବିନ୍ଧା ଆଦିର ଶିକାର ହେଉଛନ୍ତି ।

ଲଗାଏତ ମୋବାଇଲ ସ୍କ୍ରିନ ଉପରେ ଏକ ଲୟରେ ଆଖି ରଖି ଦେଖିବା ଫଳରେ ମୁଣ୍ଡବିନ୍ଧାରୁ ନେଇ କ୍ଳାନ୍ତିର ସମସ୍ୟା ଘର କରିଯାଉଛି । କିଛି ସମୟ ପାଇଁ ମୋବାଇଲ ଦେଖିଲେ ସେମାନଙ୍କ ଆଖିରେ ପାଣି ଆସିଯାଉଛି । ତେଣୁ ଆଜି କମ୍ ବୟସର ପିଲା ଚଷମା ପିନ୍ଧୁଛନ୍ତି, ଏଥରେ ଆଶ୍ଚର୍ଯ୍ୟ ହେବାର କିଛି ନାହିଁ । ଲଗାଏତ ଘଣ୍ଟା ଘଣ୍ଟା ଧରି ଭୁଲ ଢଙ୍ଗରେ ବସିବା ଦ୍ୱାରା ଶରୀରର ସନ୍ତୁଳନ ବିଗିଡ଼ିଯାଏ, ଯେଉଁ କାରଣରୁ ବେକ ଓ ଅଣ୍ଟା ଦରଜର ସମସ୍ୟା ସାଧାରଣ ହେବାରେ ଲାଗିଛି ।

ସୋସିଆଲ ମିଡିଆର ଏହି ନିଶାରୁ ମୁକୁଳିବା ପାଇଁ ପ୍ରଥମେ ଏହା ଜୀବନର ଏକ ସମସ୍ୟା ହୋଇଯାଇଛି, ତେଣୁ ଏଥିରୁ ବାହାରି ଆସିବା ଜରୁରୀ– ଏହି ଅନୁଭବ ଆବଶ୍ୟକ । ଦ୍ୱିତୀୟରେ ମାଲିକ ଭଳି ତାହାର ଉପଯୋଗ କରିବାକୁ ହେବ, ଗୋଲାମ ଭଳି ନୁହେଁ । ଏହା ସହିତ ସର୍ବପ୍ରଥମେ ଯେଉଁ କାରଣରୁ ଆପଣଙ୍କୁ ବାରମ୍ବାର ମୋବାଇଲକୁ ଛୁଇଁବାର ଇଚ୍ଛା ହେଉଛି, ସେହି କାରଣଗୁଡ଼ିକ ଉପରେ ଧ୍ୟାନ ଦିଅନ୍ତୁ । ସୋସିଆଲ ମିଡିଆର ଉପଯୋଗର ସମୟ ନିର୍ଦ୍ଧାରିତ କରନ୍ତୁ, କେତେବେଳେ ଓ କେତେ ସମୟ ପର୍ଯ୍ୟନ୍ତ ବ୍ୟବହାର କରିବେ ତାହା ସ୍ଥିର କରିନେବା ଉଚିତ ।

ଏପରି କଲେ ଏହାର ନିଶା ଉପରେ ନିୟନ୍ତ୍ରଣ ରଖିବାରେ ଅନେକ ସୀମା ପର୍ଯ୍ୟନ୍ତ ସହାୟତା ମିଳିବ । ଏହା ଦ୍ୱାରା ନିଜ କାର୍ଯ୍ୟଗୁଡ଼ିକରେ ମନକୁ ଏକାଗ୍ର କରିବା ସରଳ ହୋଇଯିବ । ଶୋଇବା ସମୟରେ ମୋବାଇଲକୁ ପାଖରେ ରଖନ୍ତୁ ନାହିଁ । ଏହା ଦ୍ୱାରା ଏକରେ ଆପଣ ସ୍ୱାସ୍ଥ୍ୟକୁ ପ୍ରଭାବିତ କରୁଥିବା ଏହାର କ୍ଷତିକାରକ କିରଣଗୁଡ଼ିକରୁ ରକ୍ଷା ପାଇବେ । ଦ୍ୱିତୀୟରେ ଏହା ଯୋଗୁଁ ସୋସିଆଲ ମିଡିଆର ସୀମିତ ଉପଯୋଗ ସମ୍ଭବ ହୋଇ ପାରିବ । ଏପରି ସ୍ଥିତିରେ ମୋବାଇଲରୁ ଦିନ ଆରମ୍ଭ କରିବାର ଅଭ୍ୟାସ ଉତ୍ପନ୍ନ ହେବ ନାହିଁ । ଏହା ସାଙ୍ଗକୁ ନିଜ ପସନ୍ଦର କାର୍ଯ୍ୟଗୁଡ଼ିକରେ ସ୍ୱୟଂକୁ ବ୍ୟସ୍ତ ରଖନ୍ତୁ । ନିଜର ଆତ୍ମୀୟ ସାଙ୍ଗସାଥୀ ଓ ସମ୍ପର୍କୀୟଙ୍କ ସହିତ ସୋସିଆଲ ମିଡିଆରେ ସମ୍ପର୍କ ରଖିବା ପରିବର୍ତ୍ତେ ବ୍ୟକ୍ତିଗତ ରୂପେ ସେମାନଙ୍କୁ ଭେଟନ୍ତୁ ଏବଂ ସର୍ବଦା ଧ୍ୟାନ ରଖନ୍ତୁ ଯେ ଆପଣ ସୋସିଆଲ ମିଡିଆ ବା ମୋବାଇଲର ଗୋଲାମ ନୁହଁନ୍ତି, ଆପଣଙ୍କ ଜୀବନର ସୁଖ-ଶାନ୍ତି ଛଡ଼ାଇ ନେବାକୁ ଏହାର କୌଣସି ଅଧିକାର ନାହିଁ ତଥା ଆପଣଙ୍କୁ ମାଲିକ ଭଳି ଏହାର ଉପଯୋଗ କରିବାକୁ ହେବ ।



# ପୁଞ୍ଜିପତି ଓ ଧର୍ମଘଟ

**ମହାତ୍ମା ଗାନ୍ଧୀ**

**ଯେ**ଉଁମାନେ ପ୍ରକୃତରେ ଦୁରବସ୍ଥା ମଧରେ ରହିଛନ୍ତି ସେଗୁଡିକ ଦୂର ହେଉ ବୋଲି ଅଭିଯୋଗ କରୁଛନ୍ତି । ଏକଅହିଂସ ଧର୍ମଘଟରେ କେବଳ ସେହିମାନେ ହିଁ ଯୋଗ ଦେବେ । ତେଣୁ,ମନେ କରାଯାଉ, ଯଦି ଟିମ୍ବକୁର ଦିଆସିଲି ତିଆରି କରୁଥିବା ଶ୍ରମିକମାନେ, ଯେଉଁମାନେ ଆପଣାର ଅବସ୍ଥାରେ ବେଶ୍ ସନ୍ତୁଷ୍ଟ ଅଛନ୍ତି,ପେଟ ନ ପୁରୁଥିବା ଅନ୍ୟ ଶ୍ରମିକମାନଙ୍କ ସହିତ ସହାନୁଭୂତି ପ୍ରକାଶ କରି ଯଦି ସେମାନେ ଧର୍ମଘଟ କରନ୍ତି, ତେବେ ଦିଆସିଲି ତିଆରି କରୁଥିବା ଶ୍ରମିକମାନଙ୍କର ଧର୍ମଘଟକୁ ଏକ ହିଂସାତ୍ମକ ଧର୍ମଘଟ ବୋଲି କୁହାଯିବ । ସେମାନେ ବରଂ ଆପଣାକୁ ହିଂସା ଆଚରଣର ଅଭିଯୋଗରୁ ମୁକ୍ତ ରଖି ଯଦି ଟିମ୍ବକୁ ମିଲମାଲିକମାନଙ୍କ ଠାରୁ ଆପଣାର ସୀମାଶୁଳ୍କ ପ୍ରତ୍ୟାହାର କରି ଆଣିବେ, ତେବେ ହୁଏତ ଅତ୍ୟନ୍ତ ଫଳପ୍ରଦ ଭାବରେ ଏହି କ୍ଷେତ୍ରରେ ସାହାଯ୍ୟ କରିପାରିବେ । ମାତ୍ର ତଥାପି, ଏଭଳି କେତେକ ଅବସରର ବେଶ୍ କଳ୍ପନା କରା ଯାଇପାରେ, ଯେତେବେଳେ କି ଯେଉଁମାନେ ପ୍ରତ୍ୟକ୍ଷ ଭାବରେ କୌଣସି ଅସୁବିଧା ଭୋଗ କରୁ ନାହାନ୍ତି ସେମାନେ ମଧ କାର୍ଯ୍ୟ ବନ୍ଦ କରିଦେବାକୁ ବାଧ ହେବେ । ଏହିପରି ଭାବରେ, କଳ୍ପିତ ଉପରଲିଖିତ ଘଟଣାଟିରେ, ଯଦି ଦିଆସିଲି କାରଖାନାର ମାଲିକମାନେ ଟିମ୍ବକ୍ର ମାଲ୍‌ମାଲିକମାନଙ୍କ ସହିତ ହାତ ମିଳାନ୍ତି, ତେବେ ଦିଆସିଲି ତିଆରି ହେଉଥିବା କାରଖାନାର ଶ୍ରମିକମାନଙ୍କ ପାଇଁ ମିଲ୍ ଶ୍ରମିକମାନଙ୍କର ଧର୍ମଘଟରେ ଯୋଗଦାନ କରିବା ଏକ କର୍ତ୍ତବ୍ୟରେ ପରିଣତ ହେବ । ମାତ୍ର, କେବଳ ଏକ ଉଦାହରଣ ଦେବା ପାଇଁ ହିଁ ମୁଁ ଏହି ଅଧିକ କଥାଟିର ଉଲ୍ଲେଖ କରିଛି । ଅବଶ୍ୟ ପ୍ରତ୍ୟେକ ଘଟଣାକୁ ଆପଣାର ଦୋଷଗୁଣ ସହିତ ବିଚାର କରି ହିଁ ଚୂଡ଼ାନ୍ତ ନିଷ୍ପତ୍ତି ନେବାକୁ ହେବ । ହିଂସା ହେଉଛି ଏକ ଅତ୍ୟନ୍ତ ସୂକ୍ଷ୍ମ ଶକ୍ତି । ଅନେକ ସମୟରେ ଅତ୍ୟନ୍ତ ସ୍ପଷ୍ଟଭାବରେ କେଉଁଠି ହିଂସା ପ୍ରବେଶ କରି ପକାଉଛି ବୋଲି ତୁମେ ବେଶ୍ ଘ୍ରାଣ କରି ପାରୁଥିଲେ ମଧ ତାହାର ଉପସ୍ଥିତିକୁ ଅଙ୍ଗୁଳି ନିର୍ଦ୍ଦେଶ କରି ଦେଖାଇ ଦେବା ହୁଏତ ସର୍ବଦା ମୋଟେ ସହଜ ହେଉ ନ ଥିବ ।

ଧର୍ମଘଟ ସ୍ୱତଃସ୍ଫୂର୍ତ୍ତ ଭାବରେ ହେବ, ତାକୁ ଭାବି ଚିନ୍ତା କରାଯିବ ନାହିଁ । ଯଦି ଆଦୌ କୌଣସି ବାଧବାଧକତା ନଥାଇ ଧର୍ମଘଟଟିଏ ସଂଗଠିତ ହୋଇ ପାରିବ, ତେବେ ସେଥିରେ ହୁଏତ ଗୁଣ୍ଡାଗିରି ଓ ଲୁଟତରାଜର କୌଣସି ସ୍ଥାନ ବି ରହିବ ନାହିଁ । ଏହିପରି ଏକ ଧର୍ମଘଟରେ ଧର୍ମଘଟକାରୀଙ୍କ ମଧରେ ପୂର୍ଣ୍ଣ ସହଯୋଗ ଦୃଶ୍ୟମାନ ହୋଇ ରହିଥିବ । ଏହା ଶାନ୍ତିପୂର୍ଣ୍ଣ ହେବ ଏବଂ ଏଥିରେ କୌଣସି ହିଂସାର ପ୍ରଦର୍ଶନ ହେବ ନାହିଁ । ଆପଣାର ଅନ୍ନଉପାର୍ଜନ ନିମନ୍ତେ ଧର୍ମଘଟକାରୀମାନେ ଏକା ଏକା ଅଥବା ପରସ୍ପର ସହିତ ସହଯୋଗ କରି କୌଣସି ନା କୌଣସି କାର୍ଯ୍ୟ ହାତକୁ ନେବେ । ଏହି କାର୍ଯ୍ୟ କିପରି ଧରଣର ହେବ, ତାହା ଆଗକୁ ଭାବି ଠିକ୍ କରା ଯାଇଥିବ । କହିବା ବାହୁଲ୍ୟ ଯେ, ଏହି ପ୍ରକାରର ଏକ ଶାନ୍ତିପୂର୍ଣ୍ଣ, ଫଳପ୍ରଦ ଏବଂ ଦୃଢ଼ ଧର୍ମଘଟରେ ଗୁଣ୍ଡାଗିରି ବା ଲୁଟତରାଜ ଲାଗି କୌଣସି ସ୍ଥାନ ରହିବ ନାହିଁ । ଏପରି ଏକାଧିକ ଧର୍ମଘଟ ପ୍ରକୃତରେ ହୋଇଥିବାର ମୁଁ ଜାଣିଛି । ତେଣୁ ମୁଁ ଏପରି କହି ଆଦୌ କୌଣସି କାଳ୍ପନିକ ଆଦର୍ଶଛବିର ମୋଟେ ଉପସ୍ଥାପନା କରୁନାହିଁ ।

କୌଣସି ସ୍ଥିତିରେ ମଧ, ଗୋଟିଏ ଧର୍ମଘଟ ଅହିଂସା ପନ୍ଥାରେ ଚାଲିଗଲେ ମଧ ଏକ ସାର୍ବଜନୀନ ଧର୍ମଘଟ ଏବଂ କ୍ଷମତା ଦଖଲରେ ମୁଁ କୌଣସି ପ୍ରକାରେ ନିଜକୁ ସାମିଲ କରିବି ନାହିଁ । ଶ୍ରମିକମାନେ ଧର୍ମଘଟ କରୁଥିବା ସମୟରେ ମାଲିକମାନଙ୍କର କିପରି ଆଚରଣ ହେବା ଉଚିତ ? ଏହି ପ୍ରଶ୍ନଟିର ଖୁବ୍ ଆଲୋଚନା ହେଉଛି ଏବଂ ଉପସ୍ଥିତ ମୁହୂର୍ତ୍ତଟିରେ ଏହାର ପ୍ରଭୁତ ମହତ୍ୱ ରହିଛି । ଗୋଟିଏ ହେଉଛି ଦମନର ପନ୍ଥା, ଏକ ନାମ ବା ଉପନାମ ଦେଇ ଏହାକୁ ଆମେରିକୀୟ ପନ୍ଥା ବୋଲି କୁହାଯାଏ । ଏଥିରେ ସଂଗଠିତ ଗୁଣ୍ଡାଗିରି ଦ୍ୱାରା ଶ୍ରମିକମାନଙ୍କୁ ଦମନ କରି ଦିଆଯାଏ । ଏହି ପନ୍ଥାଟିକୁ ପ୍ରତ୍ୟେକ ବ୍ୟକ୍ତି କେବଳ ଭୁଲ ଓ ଅନିଷ୍ଟକାରୀ ବୋଲି କହିବେ । ଅନ୍ୟଟି ହେଉଛି ଉଚିତ ପନ୍ଥା ଏକ ସମ୍ମାନଜକ ପନ୍ଥା, ଏଥିରେ ପ୍ରତ୍ୟେକ ଧର୍ମଘଟର ବିଚାର ସେଇଟିର ଦୋଷ ଓ ଗୁଣଦ୍ୱାରା ହିଁ କରାଯିବ ଓ ଶ୍ରମିକମାନଙ୍କର ପ୍ରାପ୍ୟଟିକୁ ସ୍ୱୀକାର କରି ନିଆଯିବ, ଶ୍ରମିକମାନଙ୍କର ଯାହା ପ୍ରାପ୍ୟ ବୋଲି ମାଲିକମାନେ ଭାବୁଛନ୍ତି ତା' ନୁହେଁ, ମାତ୍ର ଶ୍ରମିକମାନେ ହିଁ ଯାହାକୁ ସେମାନଙ୍କର ପ୍ରାପ୍ୟ ବୋଲି ଭାବିବେ ଏବଂ ତଥ୍ୟଗୁଡିକୁ ଜାଣିଥିବା ସାଧାରଣ ଜନମତ ମଧ ଯାହାକୁ ନ୍ୟାୟୋଚିତ ବୋଲି କହୁଥିବ ।

ସମୟର ଅଗ୍ରଗତି ସଙ୍ଗେ ସଙ୍ଗେ ଶ୍ରମିକଜଗତ ଅଧିକ ଦୃଢ଼ତାର ସହିତ ନିଜର ଦାବିଗୁଡିକୁ କରିବାକୁ ଲାଗିଲାଣି । ସେହି ଦାବିଗୁଡିକର ସଂଖ୍ୟା ପ୍ରତିଦିନ ବୃଦ୍ଧି ପାଉଛି ଏବଂ ଏହି ଦାବିଗୁଡିକୁ ସ୍ୱୀକୃତ କରାଇ ନେବାର ଅଧୀରତାରେ ଶ୍ରମିକମାନେ ହିଂସାର ଆଶ୍ରୟ ନେବାକୁ ମଧ ଆଉ କୁଣ୍ଠାବୋଧ କରୁନାହାନ୍ତି । ଏହି ଦାବିଗୁଡିକୁ ଆଦାୟ କରିନେବାର ଦିନୁଦିନ ନୂତନ ପ୍ରଣାଳୀମାନ ମଧ ବାହାରୁଛି । ଶ୍ରମିକମାନେ ମାଲିକମାନଙ୍କର ସମ୍ପତ୍ତିକୁ ନଷ୍ଟ କରିବାକୁ ଯନ୍ତ୍ରପାତିଗୁଡିକୁ ବିଗାଡିଦେବାକୁ, ଧର୍ମଘଟରେ ଯୋଗ ଦେବାକୁ ରାଜି ହେଉ ନ ଥିବା ବୟସ୍କ ନରନାରୀମାନଙ୍କୁ ହଇରାଣ କରିବାକୁ ଏବଂ ବଳପ୍ରୟୋଗ ଦ୍ୱାରା ଅସହଯୋଗୀମାନଙ୍କୁ ନିକାଲି ବାହାର କରିଦେବାକୁ ପଶ୍ଚାତପଦ ହେଉ ନାହାନ୍ତି । ଏହିଭଳି ପରିସ୍ଥିତି ମାନଙ୍କରେ ମାଲିକମାନଙ୍କର ଆଚରଣ କିପରି ହେବା ଉଚିତ ?

## ସ୍ୱର୍ବେଦ

**ଭୋଜନ ସୁରୁଚି ସୁୱାସ ହୈ,**
**ୟଥା ୟୋଗ୍ୟ ବ୍ୟବହାର ।**
**ରୁଖା ସୁଖା ଜୋ ମିଲେ, ସେୱନ**
**ୱିୱିଧ ପ୍ରକାର ।।୪୮।।**

ଭାଷ୍ୟ - ସାଧକର ଭୋଜନ ରୁଚିପୂର୍ଣ୍ଣ, ରସଯୁକ୍ତ ତଥା ତାହାର ବ୍ୟବହାର ଅନୁକୂଳ ଏବଂ ଯୋଗ୍ୟ ହେବା ଉଚିତ । କଞ୍ଚା ଶୁଖିଲା ଯେଉଁ ପ୍ରକାର ଭୋଜନ ମିଳେ, ତାହାର ସେବନ କରି ଯୋଗାଭ୍ୟାସ କରିବା ଉଚିତ ।

**ସଦାଚାର ଭୋଜନ ସଦା,**
**ସାଧନ ୱିଘ୍ନ ନ ହୋୟ ।**
**ଖଟ୍ଟା ତୀତା ଚରପରା, ତାମସ**
**ଅଶନ ନ ସୋୟ ।।୪୯।।**

ଭାଷ୍ୟ - ସାଧକ ନିମନ୍ତେ ଖଟା-ମିଠା, ତିକ୍ତ ତଥା ତମୋଗୁଣଯୁକ୍ତ ଭୋଜନ ନ ଥାଏ । ସେଥିପାଇଁ ସାଧନା କଲାବେଳେ ତା'ର ବିଘ୍ନ ଉପୁଜେ ନାହିଁ । ସାତ୍ୱିକ ଭୋଜନ କରିବା ଦ୍ୱାରା ସର୍ବଦା ସଚ୍ଚରିତ୍ରତା ଅତୁଟ ରହେ । ତମଗୁଣଯୁକ୍ତ ଭୋଜନର ମନ୍ଦ ପ୍ରଭାବ ପଡ଼ିଥାଏ, ଯାହା ଦ୍ୱାରା ଚରିତ୍ର ନିର୍ମାଣରେ ଅସୁବିଧା ହୋଇଥାଏ । ସାତ୍ତ୍ୱିକୀ ଆହାର କରିବା ଦ୍ୱାରା ବିଚାର ଶୁଦ୍ଧ ହୋଇଥାଏ ଆଉ ସଦ୍‌ଗୁଣୀ ପ୍ରବୃତତି ସଦା ନିମନ୍ତେ ରହିଥାଏ । ସେଥିପାଇଁ ସାଧକ ସବୁବେଳେ ସାତ୍ତ୍ୱିକ, ରୁଚିକର ଏବଂ ପୌଷ୍ଟିକ ଆହାର ଗ୍ରହଣ କରିବା ଉଚିତ ।


**ମଦ୍ୟ ମାଂସ ଅପେୟ ଜୋ, ମଲ**
**ସବ ତ୍ୟାଗତ ସନ୍ତ ।**
**ତନ ମାୟା ମନ ଭଜନ ମେଁ,**
**ଛତିସ ଅଙ୍କ ଭନନ୍ତ ।।୫୦।।**

ଭାଷ୍ୟ - ମଦ, ମାଂସ ଭଳି ମଳ ବସ୍ତୁକୁ ସନ୍ଥ ତ୍ୟାଗ କରିଦିଅନ୍ତି । ଶରୀର ମାୟାରେ ଆଉ ମନ ଭଜନରେ ରହିଥାଏ ଯେଉଁପ୍ରକାର ଏକ ସାଥୀରେ ୩୬ ଛତିଶ ଅଙ୍କ ରହିଥିଲେ ସୁଦ୍ଧା ଉଭୟଙ୍କର ମୁଖ ଓଲଟା ରହିଥାଏ ।

**ସୁତ ଦାରା ଧନ ଧାନ୍ୟ ଜୋ,**
**ରାଜପାଟ ନିଜ ମାନ ।**
**ୟହ ପ୍ରଭୁ କା ମେରା ନହୀଁ, ତ୍ୟାଗ**
**ତୋ ଐସା ଜାନ ।।୫୧।।**

ଭାଷ୍ୟ - ସ୍ତ୍ରୀ - ପୁରୁଷ, ଧନ-ଧାନ୍ୟ, ରାଜ୍ୟ-ବିସ୍ତାର ଆଉ ନିଜର ମାନ-ପ୍ରତିଷ୍ଠା ସମସ୍ତ ପ୍ରଭୁଙ୍କର ଅଟେ, ମୋର ନୁହେଁ । ଏଭଳି ତ୍ୟାଗ ହେବା ଉଚିତ ।

**ୟୁକ୍ତ ଅହାର ୱିହାର ହୈ, ନାରୀ**




**ଧର୍ମ ୱିଚାର ।**
**ଆୱଶ୍ୟକତା ଜସ ତସ କରେ,**
**ଧର୍ମ ୱିୱେକ ଅଧାର ।।୫୨।।**

ଭାଷ୍ୟ - ସାଧକର ଆହାର ବିହାର ନିୟମଯୁକ୍ତ ହେବା ଉଚିତ । ଧର୍ମ ଏବଂ ବିବେକ ଅନୁସାରେ ଆବଶ୍ୟକତାକୁ ଦେଖି ସ୍ତ୍ରୀ ସମ୍ବନ୍ଧ କରିବା ଉତ୍ତମ ବିବେକ ଅଟେ ।

**ବହେଁ ନ ମନ ମାୟା ସଂଗେ,**
**ଇନ୍ଦ୍ରିନ ଅର୍ଥ ନ ପାସ ।**
**ଅପର ୱାସ ମନ କାମ ମେଁ,**
**ଅନ୍ତର ରହେ ଉଦାସ ।।୫୩।।**

ଭାଷ୍ୟ - ମନ ମାୟା ସାଂଗରେ ନ ରହି ତଥା ଇନ୍ଦ୍ରିୟ ବିଷୟ ପ୍ରବାହରେ ନ ବହି ଏକାନ୍ତରେ ରହି ନିଜର ସାଧନା କରନ୍ତୁ ଆଉ ଜଗତ ପ୍ରତି ଉଦାସୀନ ରୁହନ୍ତୁ ।

**ସାଧନ ଦୋନୋଁ ସମୟ ମେଁ,**
**ଅମୃତ ଉଷା କାଲ ।**
**କ୍ରମସହ ୱୃଦ୍ଧି ସୁଧାର ମେଁ, ଅଗ୍ର**
**ୱିହଙ୍ଗମ ଚାଲ ।।୫୪।।**

ଭାଷ୍ୟ - ଯୋଗାଭ୍ୟାସ ଅମୃତ ଉଷାକାଳ ଆଉ ଦୁଇ ସଂଧ୍ୟାରେ କ୍ରମଶଃ ବଢ଼ାନ୍ତୁ ଓ ନିଜର ତ୍ରୁଟି ବିଚ୍ୟୁତିକୁ ସୁଧାରି ବିହଙ୍ଗମ ମାର୍ଗ ଦ୍ୱାରା ନିଜର ସାଧନାରେ ଅଗ୍ରସର ହୁଅନ୍ତୁ ।

**ସୁନ୍ଦର ସୁଗମ ସୁବୋଧ ହୈ, ଶବ୍ଦ**
**ୱିହଙ୍ଗମ ଚାଲ ।**
**ସଦ୍‌ଗୁରୁ କୃପା ସେ ପାଇୟେ,**
**ପହୁଁଚେ ଜନ ପ୍ରିୟ ଲାଲ ।।୫୫।।**

ଭାଷ୍ୟ - ସଦ୍‌ଗୁରୁଙ୍କର ପରମ ପ୍ରିୟ ଶିଷ୍ୟ ଆଧ୍ୟାତ୍ମ ତତ୍ତ୍ୱଗୁଡ଼ିକର ପୂର୍ଣ୍ଣ ବୋଧ କରି ତାଙ୍କରି କୃପା ଦ୍ୱାରା ବିହଙ୍ଗମ ମାର୍ଗରେ ପହଞ୍ଚି ଶବ୍ଦ, ସତ୍‌ପୁରୁଷଙ୍କର ପ୍ରାପ୍ତି କରିଥାନ୍ତି ।

**ଅନ୍ତର ଗମ ଜଗ ମେଁ ନହୀଁ,**
**ରହତ ସଦା ଜଗ ସାଥ ।**
**ୟହ ରହସ୍ୟ କୋଇ ନା ଲଖେ,**
**ମହିମା ସନ୍ତ ସନାଥ ।।୫୬।।**

ଭାଷ୍ୟ - ପରମପ୍ରଭୁଙ୍କର ଭକ୍ତ, ସନ୍ଥ ସଦୈବ ଜଗତ ସାଥୀରେ ରହି ସୁଦ୍ଧା ଜଗତରେ ରହି ନ ଥାନ୍ତି, ତାଙ୍କର ଅନ୍ତର ଗତି ପ୍ରକୃତିପାର ଚେତନ ପ୍ରଦେଶରେ ରହିଥାଏ । ଏହି ରହସ୍ୟକୁ ସଦ୍‌ଗୁରୁହୀନ ଦେଖିପାରେ ନାହିଁ । ଏହା ସନ୍ଥର ମହତି ମହିମା ଅଟେ ।

**ଶବ୍ଦ ଲଗନ ମାୟା ସଙ୍ଗେ, ୟହ**
**ଗତି ଲଖେ ନ କୋୟ ।**
**ଦୁର୍ଲଭ ଜୀୱନ ସନ୍ତ କା, ଶବ୍ଦ**
**ସୁରତି ରତ ସୋୟ ।।୫୭।।**

ଭାଷ୍ୟ - ସନ୍ଥ ମାୟା ସହିତ ରହୁଥିଲେ ସୁଦ୍ଧା ଶବ୍ଦ ଅର୍ଥାତ୍ ସତ୍‌ପୁରୁଷଙ୍କର ପ୍ରେମରେ ଲାଗି ରହିଥାନ୍ତି । ସେମାନଙ୍କର ଏହି ଅନୁଭବ ଅସଙ୍ଗ ଗତିକୁ ଦେଖିପାରେ ନାହିଁ । ସେମାନେ ଶବ୍ଦ ସୁରତିରେ ଅନୁରକ୍ତ ହୋଇ ନିଜର ଦୁର୍ଲଭ ଜୀବନ ଏହି ସଂସାରରେ ବ୍ୟତୀତ କରିଥାନ୍ତି ।

**ନୈମିତ୍ତିକ ଅରୁ ନିତ୍ୟ ଜୋ,**
**ସେୱା ସଦ୍‌ଗୁରୁ ହୋୟ ।**
**ଆରତ ଦୀନ ଅଧୀନ ହୈ, ଗତି**
**ଅନନ୍ୟ ରତ ସୋୟ ।।୫୮।।**

ଭାଷ୍ୟ - ସଦ୍‌ଗୁରୁଙ୍କର ଅନନ୍ୟଶରଣ ଅନୁରକ୍ତ, ଆର୍ତ୍ତ, ଦୀନ ଏବଂ ଅଧୀନ ସେବକ ନିତ୍ୟ ଆଉ ନୈମିତ୍ତିକ ଉଭୟ ପ୍ରକାର ସେବା କରିଥାନ୍ତି ।

**ଶରଣାଗତ ଗୁରୁଦେୱ କା, ଅୱର**
**ଆଶ ନହିଁ କୋୟ ।**
**ମନ ୱଚ କାୟା କର୍ମଣା, ସତ୍‌ଗୁରୁ**
**ଶରଣ ସମୋୟ ।।୫୯।।**

ଭାଷ୍ୟ - ସଦ୍‌ଗୁରୁଙ୍କର ଶରଣାଗତ ଭକ୍ତକୁ ଅନ୍ୟର ଆଶା ରହି ନ ଥାଏ, ସେ ମନ, ବଚନ, କାୟା ଆଉ କର୍ମରେ ଅନନ୍ୟଶରଣ ହୋଇ ତାଙ୍କରି ଶରଣରେ ସର୍ବଦା ଲାଗି ରହିଥାଏ ।

**ଗୁରୁ ଆଜ୍ଞା ମେଁ ଆୱଇ, ଗୁରୁ ଆଜ୍ଞା**
**ମେଁ ଜାୟ ।**
**ସୁରତି ରହେ ଗୁରୁ ରୂପ ମେଁ,**
**ବ୍ୟକ୍ତ ଅବ୍ୟକ୍ତ ସମାୟ ।।୬୦।।**

ଭାଷ୍ୟ - ସଦ୍‌ଗୁରୁ ଅନନ୍ୟଶରଣ ଦାସ ତାଙ୍କର ଆଜ୍ଞାରେ ହିଁ ଆସେ ଏବଂ ଯାଏ । ତାଙ୍କର ସମସ୍ତ କାର୍ଯ୍ୟ ତାଙ୍କରି ଆଜ୍ଞାନୁସାରେ ହିଁ ହୋଇଥାଏ । ତାହାର ସୁରତି ଗୁରୁ ରୂପରେ ସର୍ବଦା ଲାଗି ରହିଥାଏ । ସେ ସଦ୍‌ଗୁରୁ ବ୍ୟକ୍ତ ସ୍ୱରୂପ ଦ୍ୱାରା ହିଁ ଅବ୍ୟକ୍ତ, ଅନୁଭବ ଶବ୍ଦ ସ୍ୱରୂପରେ ପ୍ରବେଶ କରିଯାଏ, ଭବସିନ୍ଧୁରୁ ଗୁରୁଙ୍କର ସ୍ୱରୂପ ହିଁ ପାର କରିଥାଏ ଆଉ ସେହି ଗୁରୁ ରୂପରେ ଅବ୍ୟକ୍ତ ସତ୍ତା ପ୍ରକଟ ହୋଇ ଜୀବନକୁ କୃତକୃତ୍ୟ କରିଥାଏ । ସେଥିପାଇଁ ଆଧ୍ୟାତ୍ମ କ୍ଷେତ୍ରରେ ଗୁରୁ ହିଁ ପ୍ରକାଶ-ଜୀବନ ଏବଂ ସର୍ବାଧାର ତଥା ସର୍ବେଶ୍ୱର ଅଟନ୍ତି ।

**ମାରେ ମନ ଅଭିମାନ କୋ,**
**ଜୀୱନ ମୃତକ ହୋୟ ।**
**ତବ ସଦ୍‌ଗୁରୁ କା ହଁସ ହୈ, କାଲ**
**ବୁଦ୍ଧି ଗଇ ଖୋୟ ।।୬୧।।**

ଭାଷ୍ୟ - ମନର ଅଭିମାନକୁ ନଷ୍ଟ କରି ଦେଲା ପରେ ଜୀବନ୍ମୃତକ ହୋଇଯାଏ ଆଉ କାଳ ବୁଦ୍ଧି ଉଭେଇ ଯାଏ, ସେତେବେଳେ ସଦ୍‌ଗୁରୁ ହଂସ ହୋଇଥାନ୍ତି ।

**ନିୟମିତ ନିତ ସତ୍ସଙ୍ଗ ମେଁ,**
**ବୈଠେ ଶାନ୍ତ ସ୍ୱଭାୱ ।**
**ହରି ଗୁରୁ ସୁୟଶ ଶ୍ରୱଣ ସୁନି,**
**ଅନ୍ତର ପ୍ରେମ ପ୍ରଭାୱ ।।୬୨।।**

ଭାଷ୍ୟ - ନିୟମିତ ରୂପରେ ସତ୍ସଙ୍ଗରେ ଶାନ୍ତ ଭାବରେ ବସି ହରି-ଗୁରୁଙ୍କର ସୁଯଶ ଶ୍ରବଣ କରିବା ଦ୍ୱାରା ଅନ୍ତର ପ୍ରେମରେ ବୃଦ୍ଧି ହୋଇଥାଏ ।

**ଗୁଣାୱାଦ ଗୁରୁ ହରି କରେ, ସନ୍ତନ**
**ମେଁ ଚିତ ଦେୟ ।**
**ସନ୍ତନ ସେୱେ ପ୍ରେମ ସେ, ସବ**
**ଅଭିମାନହିଁ ହେୟ ।।୬୩।।**

ଭାଷ୍ୟ - ସନ୍ଥମାନେ ଭକ୍ତି ଚିତ୍ତରେ ହରି ଗୁଣର ମହିମା ଗାନକରି ଏବଂ ତାଙ୍କର ପ୍ରେମ ଭକ୍ତିରେ ରହି ସମସ୍ତ ପ୍ରକାର ଅଭିମାନକୁ ତ୍ୟାଗ କରିଦିଅନ୍ତି ।

**ଆସ୍ତିକ୍ୟ ଭାୱ ଅନନ୍ୟ ହୈ,**
**ସଦ୍‌ଗୁରୁ ପର ୱିଶ୍ୱାସ ।**
**ଭ୍ରମ୍ମ ମୋହ ଗୁରୁ ମେଁ ନହୀଁ, ଗୁରୁ**
**ଛାୟା ଅଭ୍ୟାସ ।।୬୪।।**

ଭାଷ୍ୟ - ସଦ୍‌ଗୁରୁଙ୍କର ମୋହ ଏବଂ ଭ୍ରମ ହୋଇ ନ ଥାଏ । ତାଙ୍କର ପଦରେ ବିଶ୍ୱାସ, ପୂର୍ଣ୍ଣ ଆସ୍ତିକ୍ୟ, ଅନନ୍ୟ ଭାବରେ ରହିବା ଦ୍ୱାରା ତାଙ୍କର ଛାୟା ଶିଷ୍ୟ ଉପରେ ପଡ଼େ ଯାହା ଫଳରେ ସେ ନିର୍ବିଘ୍ନରେ ନିଜର ସାଧନା କରିଥାଏ । ଗୁରୁଙ୍କର ପ୍ରକାଶ ବିନା ଶିଷ୍ୟର ସାଧନା ହୋଇ ନ ଥାଏ ।

## ପେଟ କମାଇବାକୁ ହେଲେ

ଗହମ ଅଟାରେ ପ୍ରସ୍ତୁତ ରୁଟି ଖାଇବା କମ୍ କରି ଏହା ବଦଳରେ ଚଣା ଏବଂ ଯଅରେ ପ୍ରସ୍ତୁତ ରୁଟି ଖାଆନ୍ତୁ । କାରଣ ଏଥିରେ କ୍ୟାଲୋରି ଏବଂ କାର୍ବୋହାଇଡ୍ରେଟ ମାତ୍ରା ବହୁତ କମ୍ ଥାଏ ।

ପଇଡ଼ ପାଣିରେ ଇଲେକ୍ଟ୍ରୋଲାଇଟସ୍ ଭରପୁର ମାତ୍ରା ଥାଏ । ଏହା ମେଦ ଏବଂ ପେଟରୁ ଚର୍ବି କମାଇବାରେ ସହାୟକ ହୋଇଥାଏ ।

ପ୍ରତିଦିନ ୪/୫ ଟି ପେସ୍ତା ବାଦାମ ଖାଆନ୍ତୁ । ଏଥିରେ ଥିବା ଭିଟାମିନ୍ ଇ, ପଲିସାଚୁରେଟେଡ୍ ଏବଂ ମନୋସାଚୁରେଟେଡ୍ ଫ୍ୟାଟ୍ କମ୍ କରାଏ । ସକାଳ ସମୟରେ ପ୍ରୋଟିନଯୁକ୍ତ ବ୍ରେକଫାଷ୍ଟ ନିଅନ୍ତୁ । ଏଥିରେ ଆପଣ ଅଣ୍ଡା, କ୍ଷୀର ଏବଂ କଦଳୀ ଆଦି ସାମିଲ କରି ପାରିବେ । ଏହାକୁ ଖାଇଲେ ବାରମ୍ବାର ଭୋକ ହୁଏ ନାହିଁ ।

ଦିନକୁ ଅତିକମରେ ୩/୪ ଗ୍ଲାସ ଉଷୁମ ପାଣି ପିଅନ୍ତୁ । ଏହା ଖୁବଶୀଘ୍ର ପେଟକୁ ଚର୍ବି କମାଇଥାଏ ।

ପ୍ରତିଦିନ ଖାଦ୍ୟ ତାଲିକାରେ ଦହିକୁ ସାମିଲ କରନ୍ତୁ । ଏଥିରେ ଥିବା କ୍ୟାଲସିୟମ୍ ପେଟରୁ ଚର୍ବି କମ୍ କରିଥାଏ ।

ପ୍ରତିଦିନ ଏକ ଗ୍ଲାସ୍ ଉଷୁମ ପାଣିରେ ଏକ ଚାମଚ ମହୁ ମିଶାଇ ପିଅନ୍ତୁ ।

ଖାଇବା ସମୟରେ ପାଣି ପିଅନ୍ତୁ ନାହିଁ । ଏପରି କରିବା ଦ୍ୱାରା ଖାଦ୍ୟ ଠିକ୍ ଭାବେ ହଜମ ହୋଇ ନ ଥାଏ ଏବଂ ମେଦବହୁଳତା ହେବାର ଆଶଙ୍କା ଥାଏ । ଖାଇବାର ଅଧଘଣ୍ଟା ପରେ ପାଣି ପିଅନ୍ତୁ । ପ୍ରତିଦିନ ୨/୩ କିଲୋମିଟର ଚାଲନ୍ତୁ । ଶରୀରରୁ କ୍ୟାଲୋରି କମ୍ କରିବାରେ ଏହା ବେଶ୍ ଉପକାରୀ ହୋଇଥାଏ ।



## ମାଇଗ୍ରେନରୁ ଆରୋଗ୍ୟ କରେ ଅଦା

ମାଇଗ୍ରେନ ବା ଅଧକପାଳିର ଯନ୍ତ୍ରଣା ଅସହ୍ୟ । ବିଶେଷକରି ସକାଳୁ ସକାଳୁ ଏହି ଯନ୍ତ୍ରଣାକୁ ସହ୍ୟ କରିବା ଭୀଷଣ କଷ୍ଟକର । ମାଇଗ୍ରେନ୍ ଯୋଗୁ ବାନ୍ତି ଓ ଅଣନିଃଶ୍ୱାସୀ ହେଲା ଭଳି ସମସ୍ୟା ମଧ ଉପନ୍ନ ହୁଏ । ସାଧାରଣତଃ ବିଶୃଙ୍ଖଳିତ ଜୀବନଶୈଳୀ ଓ ଖାଦ୍ୟପେୟରେ ଅପପୁଷ୍ଟି ଯୋଗୁଁ ମୁଣ୍ଡବିନ୍ଧା ସମସ୍ୟା ଦେଖା ଦେଇଥାଏ । ଏହାଛଡ଼ା ଅବସାଦ ଯୋଗୁଁ ମଧ ମୁଣ୍ଡବିନ୍ଧା ଅଧିକ ଦିନ ରହି ମାଇଗ୍ରେନର ରୂପ ନିଏ । ମାଇଗ୍ରେନ୍ ଯନ୍ତ୍ରଣା ଅନେକ ଦିନ ପର୍ଯ୍ୟନ୍ତ ଲାଗି ରହିଥାଏ । ଅଦା ଚା' ପ୍ରାକୃତିକ ଉପାୟରେ ମାଇଗ୍ରେନ୍ ଦୂର କରିବାରେ ସହାୟକ ହୋଇଥାଏ । ପ୍ରଥମେ ଜଣାଯାଉଥିଲା ଯେ, ମାଇଗ୍ରେନ୍ ମସ୍ତିଷ୍କର ରକ୍ତ ନଳି ସଙ୍କୁଚିତ ହେବା କାରଣରୁ ହୋଇଥାଏ । କିନ୍ତୁ ଅନେକ ଗବେଷଣା ପରେ ଜଣାପଡିଛି ମାଇଗ୍ରେନ୍ ମୁଖ୍ୟ ତନ୍ତ୍ରିକାରେ ଗଡ଼ବଡ଼ ହେବା କାରଣରୁ ହୋଇଥାଏ । ଯଦ୍ୱାରା ନ୍ୟୁରୋଟ୍ରାନ୍ସମିଟର୍ସର ସଞ୍ଚାଳନ ପ୍ରଭାବିତ ହୁଏ । ବିଶେଷ କରି ସେରୋଟୋନିନ୍ ହର୍ମୋନ୍ ଅସନ୍ତୁଳିତ ହୋଇ ଏହା ମାଇଗ୍ରେନରେ ପରିଣତ ହୁଏ । ମାଇଗ୍ରେନ୍ ଯନ୍ତ୍ରଣାର ଉପଶମ



ପାଇଁ ଅଦା ଚା' ସେବନ ବେଶ୍ ଉପଯୋଗୀ । ଅଦା ଏକ ପ୍ରାକୃତିକ ମହୌଷଧି । ଅଦାରେ ଆଣ୍ଟି ଇନଫ୍ଲାମେଟୋରୀ ତତ୍ତ୍ୱ ଥାଏ । ଯାହା କୌଣସି ପ୍ରକାରର ଯନ୍ତ୍ରଣାକୁ ସହଜରେ କାବୁ କରିଥାଏ । ଏହାଛଡ଼ା ଅଦାରେ ଏଭଳି କିଛି ତତ୍ତ୍ୱ ରହିଛି ଯାହା ପାଚନ କ୍ରିୟାକୁ ସକ୍ରିୟ କରି ରଖିଥାଏ । ମାଇଗ୍ରେନ୍ କାରଣରୁ ହେଉଥିବା କ୍ଲାନ୍ତି ଓ ବାନ୍ତିକୁ ମଧ ଏହା ଭଲକରେ ।

### ଟିକିଏ ହସନ୍ତୁ

ଯୁବକ ଯୁବତୀକୁ: ଆଇ ଲଭ୍ ୟୁ ।
ଯୁବତୀ: ମୋ ସାଣ୍ଡେଲ ସାଇଜ୍ ଜାଣିଛୁ ତ ?
ଯୁବକ : ଆଇ ଲଭ ୟୁ କହୁ କହୁ ଫରମାଇସ୍ ଆରମ୍ଭ ହୋଇଗଲା । ହଉ କୁହ, ସାଇଜ୍ କେତେ । ମୁଁ ଭଲ ସାଣ୍ଡେଲ ଆଣିଦେବି ।

× × × ×

ସ୍ତ୍ରୀ ସ୍ୱାମୀକୁ: ତମେ ମୋ ସହ ବିଶ୍ୱାସଘାତ କରିଛ ।
ସ୍ୱାମୀ : କାଇଁ, ଏମିତି କ'ଣ ହେଲା ଯେ ମତେ ଏତେ ବଡ଼ କଥା କହୁଛ ?
ସ୍ତ୍ରୀ : ତମର ରାଣୀ ନାଁରେ ଆଉ ଗୋଟେ ସ୍ତ୍ରୀ ଅଛି ବୋଲି ବାହାଘର ପୂର୍ବରୁ କହି ନ ଥିଲ କାହିଁକି ?
ସ୍ୱାମୀ : ମୁଁ ତ କହିଥିଲି ।
ସ୍ତ୍ରୀ : କେବେ କାହାକୁ କହିଥିଲ ?
ସ୍ୱାମୀ : ଯାଅ ତମ ବାପାଙ୍କୁ ପଚାର, ମୁଁ ତାଙ୍କୁ କହିଥିଲି ନା ନାଇଁ ଯେ, ମୁଁ ଆପଣଙ୍କ ଝିଅକୁ 'ରାଣୀ' ଭଳି ରଖିବି ବୋଲି ।

× × × ×

ଇନ୍ସପେକ୍ଟର ବ୍ୟକ୍ତିକୁ: ଏତେ ମଦ କାହିଁକି ପିଇଲୁ ?
ବ୍ୟକ୍ତି : ବାଧ ହୋଇକି ପିଇଥିଲି ।
ଇନ୍ସପେକ୍ଟର : ବାଧ ! କ'ଣ ପାଇଁ ?
ବ୍ୟକ୍ତି : ମଦ ବୋତଲର ଠିପି ହଜି ଯାଇଥିଲା ପରା ।



× × × ×

ପପୁ ତା'ର ଚାଇନା ସାଙ୍ଗକୁ ଦେଖିବାକୁ ହସପିଟାଲ ଯାଇଥିଲା । ତା' ସାଙ୍ଗ ତାକୁ ଦେଖି କହିଲା ଚିଙ୍ଗ.. ଚାଙ୍ଗ.. ଚୋ... ଜା.. ଏତିକି କହି ସେ ମରିଗଲା ।
ପପୁ: ଏହାର ଅର୍ଥ ଜାଣିବାକୁ ଚାଇନା ଲାଇବ୍ରେରୀ ଗଲା, ଏହାର ଅର୍ଥ ଥିଲା../
କୁକୁର ଅକ୍ସିଜେନ ପାଇପରୁ ଜଲଦି ଗୋଡ ଉଠା ।

× × × ×

ରାମୁ ଡାକ୍ତରଙ୍କୁ କହିଲା: ସାର୍, ଆପଣ ବିନା କଷ୍ଟରେ ଦାନ୍ତ ବାହାର କରି ଦେଖାଇ ପାରିବେ ?
ଡାକ୍ତର : ନା ।
ରାମୁ: ମୁଁ କିନ୍ତୁ ବାହାର କରିଦେବି ।
ଡାକ୍ତର : କେମିତି ?
ରାମୁ: ହି ହି ହି ହି ହି ହା ହା ହା ହା..

× × × ×

ଗୋଟେ କୁକୁଡା ବତକକୁ ବାହା ହୋଇଗଲା ।
ଗଞ୍ଜା: ଆମେ କ'ଣ ମରି ଯାଇଥିଲୁ, ତୁ ଗୋଟେ ବତକକୁ ବାହା ହୋଇଗଲୁ ।
କୁକୁଡା : ମୁଁ ତ ତୁମକୁ ବାହା ହୋଇଥାନ୍ତି ହେଲେ, ବାପା ମା ଚାହୁଁଥିଲେ ପୁଅଟି ନାଭି (ନୌସେନା)ରେ ଥିବ ।

# ହଳଦୀର ଉପକାରିତା

ହଳଦୀ ଏପରି ଏକ ନାମ ଯାହା ଖାଦ୍ୟରେ ସ୍ୱାଦ ବଢ଼ାଇବା ସଂଗେ ସଂଗେ ଏକ ଆୟୁର୍ବେଦିକ ଔଷଧ ଅଟେ । ଏହା ଦ୍ୱାରା ବହୁ ଉପଚାର ସମ୍ଭବ ହୋଇପାରିଛି । ଏକ ଗିଲାସ ଗରମ ମିଠା ଦୁଧରେ ଏକ ଚାମଚ ହଳଦୀ ପାଉଡର ମିଶାଇ ପିଇଲେ ଶରୀରରେ ଭିତରେ ହୋଇଥିବା କିଛି ମାଡ ଭଲ ହୋଇଯାଇଥାଏ ।

ହଳଦୀ ମିଶା ମିଠା ଦୁଧ ସକାଳ, ସନ୍ଧ୍ୟାରେ ଲଗାତାର ପିଇବା ଦ୍ୱାରା ମୁହଁ ଭିତରେ ପଡିଥିବା ଛାଲଗୁଡିକ ଠିକ୍ ହୋଇଥାଏ । ଗୋଟିଏ ଚୁଟ୍ କି ହଳଦୀ ପ୍ରତିଦିନ ଖାଇଲେ ଭୋକ ବଢ଼ିଥାଏ । ଏହାର ସେବନ ଦ୍ୱାରା ଅନ୍ତନଳୀକୁ ମଧ ଲାଭ ପହଞ୍ଚିଥାଏ । ହଳଦୀ ତ୍ୱଚାର ପରଜୀବି ଜୀବାଣୁଙ୍କୁ ନଷ୍ଟ କରିଥାଏ ।

ଖଣ୍ଡ ହଳଦୀକୁ ପାଣିରେ ଭେଦାଇ ତାକୁ ପେଶି ଲେପ ତିଆରି କରି ଏହାକୁ ପ୍ରତିଦିନ ଗାଧୋଇବା ଆଗରୁ ଲଗାଇଲେ ତ୍ୱଚାରେ ଉଜ୍ଜ୍ୱଳତା ଆସିଥାଏ । କିଛି ହଳଦୀରେ ଗୁଣ୍ଡ କର୍ପୁର, କିଛି ପରିମାଣରେ ସୋରିଷ ତେଲ ମିଶାଇ ଲଗାଇଲେ ତ୍ୱଚାରେ ହେଉଥିବା ରୋଗ ଦୂର ହୋଇଥାଏ । ଦାନାଦାର ପେଶା ହଳଦୀକୁ ତାଜା ଲହୁଣୀରେ ବତୁରାଇ ତାହାକୁ ମୁହଁ ଏବଂ ହାତରେ ଲଗାନ୍ତୁ । ଶୁଖିଗଲା ପରେ ତାହାକୁ ରଗଡି ବାହାର କରି ଦିଅନ୍ତୁ । ଅଳ୍ପ ଉଷୁମ ପାଣିରେ ତାକୁ ଧୋଇ ଦିଅନ୍ତୁ । ଫଳରେ ତ୍ୱଚା ନରମ ହୋଇଥାଏ । ବେସନରେ ସୋରିଷ ତେଲ, ହଳଦୀ ଏବଂ ପାଣି ମିଶାଇ ଏକ ପେଷ୍ଟ ତିଆରି କରନ୍ତୁ । ଏହି ପେଷ୍ଟକୁ ମୁହଁ ଏବଂ ଶରୀରରେ ଭଲ ଭାବରେ ଲଗାନ୍ତୁ, ଶୁଖିଗଲେ ତାହାକୁ ବାହାର କରି ଦିଅନ୍ତୁ । ତ୍ୱଚାର ଉଜ୍ଜ୍ୱଳତା ବଢ଼ିଥାଏ । ମାସିକ ଋତୁସ୍ରାବ ସମୟରେ ପେଟ ବିନ୍ଧା ହେଉଥିଲେ କିଛି ଗରମ ପାଣି ନେଇ ସେଥିରେ ହଳଦୀ ପକାଇ ତାର ବାମ୍ଫ ନିଅନ୍ତୁ, ଫଳରେ ରକ୍ତ ପ୍ରବାହ ଠିକ୍ ହୋଇଯିବ ଏବଂ ଆପଣଙ୍କ ବିନ୍ଧା କମିଯିବ ।

ଛୋଟ ପିଲାମାନଙ୍କୁ ଥଣ୍ଡା କାଶ ହେଲେ ଅଧେ କପ୍ ପାଣିରେ ଅଧ ଚାମଚ ହଳଦୀ ପାଉଡର, କିଛି ଗୁଡ,



ଜୁଆଣି ଏବଂ ଗୋଟିଏ ଲବଙ୍ଗ ମିଶାଇ ଫୁଟାନ୍ତୁ । ଭଲ ଭାବରେ ଫୁଟିଗଲା ପରେ ତାହାକୁ ଛାଣି ଦିଅନ୍ତୁ । ଅଳ୍ପ ଉଷୁମ ଥିବା ସମୟରେ ତାହାକୁ ଚାମଚରେ ପିଆଇ ଦିଅନ୍ତୁ । ଏହା ପିଲାମାନଙ୍କୁ ଯେ କେବଳ ଥଣ୍ଡା କାଶରୁ ରକ୍ଷା କରିବ ତାହା ନୁହେଁ ପେଟରେ ଗ୍ୟାସ ହୋଇଥିଲେ ତାହା ଠିକ୍ କରିଥାଏ । ଶରୀରର କୌଣସି ଅଂଶ ସିଝି ଯାଇଥିଲେ ସେଥିରେ ହଳଦୀର ଲେପ ଦେଲେ ତାହା କମିଯାଇଥାଏ । ବୃଦ୍ଧବୃଦ୍ଧାଙ୍କ କହିବା ଅନୁସାରେ ବିନା ହଳଦୀରେ ଖାଦ୍ୟ ଖାଇବା ଭଲ ନୁହେଁ । ଦେଖିବାକୁ ଗଲେ ଏହା କେବଳ ତାର ଔଷଧୀୟ ଗୁଣ ପାଇଁ କୁହାଯାଇଥାଏ ।

ହଳଦୀ ପ୍ରିଜରଭେଟିଭ ହୋଇଥିବାରୁ ତାହାକୁ ଆଚାର ତିଆରି କରିବାରେ ବ୍ୟବହାର କରାଯାଇଥାଏ । ନବଜାତ ଶିଶୁକୁ ଦିଆଯାଉଥିବା ଘୁଟିରେ ହଳଦୀର ଆୟୁର୍ବେଦିକ ଗୁଣ ଥାଏ ।

ଥଣ୍ଡା ହେଲେ ଗୋଟିଏ କଢ଼େଇରେ ହଳଦୀକୁ ପକାଇ ତାହାକୁ ପୋଡି ଦେଇ ସେଥିରେ ଉଠୁଥିବା ଧୂଆଁକୁ ଶୁଂଘିଲେ ଥଣ୍ଡା କମି ଯାଇଥାଏ ।

ପ୍ରତିଦିନ ହଳଦୀ ଖାଇଲେ ଏହା ଆମାଶୟ ଏବଂ ଅନ୍ତନଳୀକୁ ସଫା କରିବାରେ ସାହାଯ୍ୟ କରିଥାଏ । କଟା ଘାରେ ରକ୍ତସ୍ରାବକୁ ରୋକିବା ପାଇଁ ହଳଦୀ ଗୁଣ୍ଡକୁ ଘାରେ ଲଗାଯାଇଥାଏ । ଫଳରେ ରକ୍ତସ୍ରାବ ତୁରନ୍ତ ବନ୍ଦ ହୋଇଥାଏ । ହଳଦୀ ଏକ ଭଲ ଆଣ୍ଟିସେପଟିକ୍ ଏବଂ ଆଣ୍ଟିବାୟୋଟିକ୍ ଅଟେ, ଯାହାର ଉଲ୍ଲେଖ ଆୟୁର୍ବେଦରେ ରହିଛି । ଏହିପରି ଭାବେ ହଳଦୀ ବହୁ ସ୍ୱାସ୍ଥ୍ୟ ସମସ୍ୟା ଏବଂ ପ୍ରାଥମିକ ଚିକିତ୍ସାରେ ଆମକୁ ସାହାଯ୍ୟ କରିଥାଏ । ସବୁବେଳେ ଶୁଦ୍ଧ ହଳଦୀ କିଣନ୍ତୁ ଏହାକୁ ଘରେ ତିଆରି କରନ୍ତୁ କାରଣ ଏହା ଶୀଘ୍ର କାମ କରିଥାଏ । ବଜାରରେ ମିଳୁଥିବା ହଳଦୀଗୁଣ୍ଡରେ ରଂଗ ମିଶାଯାଉଥିବାରୁ ଏହା ଶରୀର ପ୍ରତି ହାନୀକାରକ ଅଟେ । ହଳଦୀ ଏବଂ ସ୍ୱୟଂ ପ୍ରାକୃତିକ ରଂଗ ଅଟେ । ଆମ ଭୋଜନକୁ ରଂଗ ଦେବା ସହିତ ସ୍ୱାଦ ଏବଂ ବାସ୍ନା ଦେଇଥାଏ ଯାହା ବ୍ୟଞ୍ଜନକୁ କରିଥାଏ ସୁସ୍ୱାଦୁ । ହଳଦୀ ଏକ ଔଷଧ କହିଲେ ଅତ୍ୟୁକ୍ତି ହେବ ନାହିଁ ।

## ସୁସ୍ଥ ରଖେ ଦହି ଭାତ

ଦହିରେ କମ୍ କ୍ୟାଲୋରୀ ଥିବା ହେତୁ ଏକ ମାସ ପର୍ଯ୍ୟନ୍ତ ପ୍ରତିଦିନ ଦହିଭାତ ଖାଇବା ଦ୍ୱାରା ଓଜନ ହ୍ରାସ ହେବ । ଯଦି କୋଷ୍ଠକାଠିନ୍ୟ ସମସ୍ୟା ଥାଏ କିଛି ଦିନ ଦହି ଭାତ ଖାଆନ୍ତୁ, ଏହି



ସମସ୍ୟା ଦୂର ହୋଇଯିବ । ଦହିରେ ପ୍ରଚୁର ପରିମାଣରେ ଉତ୍ତମ ବ୍ୟାକ୍ଟେରିଆ ରହିଛି । ଏହା ବଦହଜମି, ପେଟ ଗୋଳମାଳ ଆଦି ଭଲ କରି ଦେଇଥାଏ । ଦହି ଭାତ ଖାଇଲେ ଚିନ୍ତା ଦୂର ହୁଏ ।

## ଆପଣ ଜାଣନ୍ତି କି ?

- ୬ ବର୍ଷରୁ କମ୍ ୨୩ ନିୟୁତ ଶିଶୁ ଆମ ଦେଶରେ ଅପପୁଷ୍ଟିରେ ଆକ୍ରାନ୍ତ ।
- ୧୮ ନିୟୁତ ଶିଶୁ ଭାରତର ସହରାଞ୍ଚଳ ରାସ୍ତା କଡ଼ରେ ବଞ୍ଚନ୍ତି, ଶ୍ରମ କରନ୍ତି ।
- ୪.୩ ନିୟୁତ ଶିଶୁ ଶ୍ରମିକ ଭାବେ ନିୟୋଜିତ ।
- ଓଡ଼ିଶାରେ ୧୮ ବର୍ଷରୁ କମ୍ ଶିଶୁଙ୍କ ସଂଖ୍ୟା ୩୮.୮ ଶତାଂଶ ।
- ନାମ ଲେଖାଉଥିବା ପ୍ରତି ୧୦୦ ପିଲାଙ୍କ ଭିତରୁ ୩୨ ଜଣ ପ୍ରାଥମିକ ଶିକ୍ଷା ସାରିବା ପୂର୍ବରୁ ବିଦ୍ୟାଳୟ ଛାଡୁଛନ୍ତି ।
- ତଫସିଲଭୁକ୍ତ ଜନଜାତି ଭିତରେ ଅଧାରୁ ପାଠଛଡ଼ା ହାର ୫୨ ପ୍ରତିଶତ ।
- ୨୦ ପ୍ରତିଶତ ଘରୋଇ ଶ୍ରମିକ ହେଉଛନ୍ତି ୧୮ ବର୍ଷରୁ କମ ବୟସ୍କ ଏବଂ ସେମାନଙ୍କ ଭିତରୁ ସଂଖ୍ୟାଧିକ ହେଉଛନ୍ତି ଝିଅ ।
- ସହରର ରାସ୍ତାକଡ଼ରେ ଶୋଉଥିବା ଶିଶୁଙ୍କର ପରିବାର କହିଲେ କିଛି ନାହିଁ ।
- ୪୦ ପ୍ରତିଶତ ରାସ୍ତାକଡ଼ର ଶିଶୁଙ୍କ ବୟସ ୧୧ ରୁ ୧୫ ବର୍ଷ ମଧରେ, ୩୩% ବୟସ ୬ ରୁ ୧୦ ବର୍ଷ ।
- ୮୯.୮% ଶିଶୁ ରାସ୍ତାକଡ଼ରେ ପିତାମାତାଙ୍କ ସହ ରୁହନ୍ତି ।
- ୫୦ ଶତାଂଶ ରାସ୍ତାକଡ଼ର ଶିଶୁ ଜରି ଗୋଟାଳି, ହକର, ଜୋତା ସଫା କାମରେ ନିୟୋଜିତ ।
- ୟୁନିସେଫ ହିସାବ ଅନୁସାରେ ପୃଥିବୀରେ ରାସ୍ତା କଡ଼ ଶିଶୁଙ୍କ ସଂଖ୍ୟା ହେଉଛି ୧୦୦ ନିୟୁତ । ଭାରତରେ ପ୍ରାୟ ୧୧ ନିୟୁତ ଶିଶୁ ରାସ୍ତାକଡ଼ରେ ବଞ୍ଚନ୍ତି ।

# ଅଧିକ ପିଆଜଯୁକ୍ତ ଖାଦ୍ୟ କ୍ଷତିକାରକ

ସାଧାରଣତଃ କେତେକ ଖାଦ୍ୟରେ ପିଆଜ ପଡିଲେ ତାହାର ସ୍ୱାଦ ଦ୍ୱିଗୁଣିତ ହୋଇଯାଇଥାଏ । କିଛି ବ୍ୟକ୍ତି ଖାଇବା ସମୟରେ ମଧ ଖାଦ୍ୟ ସହ ପିଆଜ ଖାଇଥାଆନ୍ତି । କିନ୍ତୁ ଏହାର ପରିମାଣ ଆବଶ୍ୟକତା ଠାରୁ ଅଧିକ ହେଲେ ତାହା ସ୍ୱାସ୍ଥ୍ୟ ପାଇଁ କ୍ଷତିକାରକ ସାବ୍ୟସ୍ତ ହୋଇଥାଏ । ଏଥିଯୋଗୁଁ ଦେଖାଯାଉଥିବା ସମସ୍ୟା ମଧରେ ଏସିଡିଟି ଅନ୍ୟତମ । ପିଆଜରେ ଅଧିକ ପରିମାଣରେ ଗ୍ଲୁକୋଜ ଏବଂ ଫ୍ୟାକ୍ଟୋଜ ରହିଛି । ତେଣୁ ଆବଶ୍ୟକ ଠାରୁ ଅଧିକ ପିଆଜ କିମ୍ବା ପିଆଜଯୁକ୍ତ ଖାଦ୍ୟ ଖାଇଲେ ତାହା ଶରୀରରେ ସୁଗାର ପରିମାଣକୁ ବଢ଼ାଇ ଦେଇଥାଏ ।



ଅପରପକ୍ଷରେ କଞ୍ଚା ପିଆଜ ଅଧିକ ପରିମାଣରେ ଖାଇଲେ ତାହା ପାଚନ କ୍ରିୟାକୁ ପ୍ରଭାବିତ କରିଥାଏ । ପିଆଜରେ ଥିବା ପୋଟାସିୟମ ତତ୍ତ୍ୱ ଶରୀରର କାର୍ଡିଓଲିଭର ସିଷ୍ଟମକୁ ଅସନ୍ତୁଳିତ କରିଦିଏ । ଫଳରେ ଛାତି ପୋଡିବା ପରି ସମସ୍ୟା ଦେଖା ଦେଇଥାଏ । ଯେହେତୁ ପିଆଜରେ ଭିଟାମିନ୍ ଏବଂ ମିନେରାଲ ଅଂଶ ରହିଛି, ତେଣୁ ଏହା କେତେକାଂଶରେ ସ୍ୱାସ୍ଥ୍ୟ ପାଇଁ ଲାଭପ୍ରଦ । ଏଥିରେ ଥିବା ଫାଇବର ତତ୍ତ୍ୱ ଶରୀରରେ ଫାଇବର ମାତ୍ରାକୁ ବଢ଼ାଇ ଦେଇଥାଏ । ଫଳରେ ଅଧିକ ପିଆଜ କିମ୍ବା ପିଆଜଯୁକ୍ତ ଖାଦ୍ୟ ଖାଇବା ଦ୍ୱାରା ପେଟରେ ଯନ୍ତ୍ରଣା ଅନୁଭୂତ ହୁଏ ।

# ଓଜନ କମାଏ ସକାଳର ପେଟପୁରା ଜଳଖିଆ

ଯେଉଁ ଲୋକମାନେ ସକାଳୁ ପେଟପୁରା ଜଳଖିଆ ଖାଇ କାର୍ଯ୍ୟ ଆରମ୍ଭ କରନ୍ତି ସେମାନଙ୍କ ଓଜନ କମିବା ସମ୍ଭାବନା ଅଧିକ । ବୈଜ୍ଞାନିକଙ୍କ କହିବାନୁଯାୟୀ, ଜଣେ ବୟସ୍କ ବ୍ୟକ୍ତି ସନ୍ତୋଷଜନକ ଜଳଖିଆ ଖାଇବା ସହିତ ହାଲୁକା ରାତ୍ରିଭୋଜନ ଖାଇବାଉଚିତ । ୫୦,୦୦୦ ଲୋକଙ୍କ ଉପରେ ଏକ ଅଧୟନ କରି ଜଣାଯାଇଛି ଯେ, ଯେଉଁ ବ୍ୟକ୍ତିମାନେ ଦିନବେଳା ଜଳଖିଆକୁ ମୁଖ୍ୟ ଆହାର କରିଥାଆନ୍ତି ସେମାନଙ୍କର ବଡି ମାସ୍ ଇଣ୍ଡେକ୍ସ ବିଳମ୍ବରେ ଜଳଖିଆ ଖାଉଥିବା ଲୋକଙ୍କ ଅପେକ୍ଷା ଅପେକ୍ଷାକୃତ କମ୍ । ଆମେରିକାସ୍ଥିତ ଲୋମା ଲିଣ୍ଡା ୟୁନିଭର୍ସିଟି ସ୍କୁଲ ଅଫ୍ ପବ୍ଲିକ୍ ହେଲ୍ଥର ଗବେଷକମାନେ ପୁଣି ଜାଣିବାକୁ ପାଇଛନ୍ତି ଯେ, ଦିନର ମୁଖ୍ୟଭୋଜନ ଏବଂ ଜଳଖିଆ ଖାଇବା ମଧରେ ଅଧିକ ସମୟର ବ୍ୟବଧାନ ରହିଲେ ଏହା ବିଏମଆଇକୁ ହ୍ରାସ କରାଇଥାଏ । ଅଧିକ ଜଳଖିଆ ଖାଇବା ଦ୍ୱାରା ବିଶେଷକରି ମିଠା ଏବଂ ସ୍ନେହସାର ଜାତୀୟ ଖାଦ୍ୟ ପ୍ରତି ଲୋଭହ୍ରାସ ପାଇଥାଏ । ଏହା ଓଜନ ବୃଦ୍ଧି କରାଇ ଦେଇ ନ ଥାଏ ବୋଲି ନ୍ୟୁଟ୍ରିଶନ ଜର୍ନାଲରେ ପ୍ରକାଶିତ ଅଧୟନର ପ୍ରମୁଖ ଲେଖକ ହାନା କାଲେଓଭା ପ୍ରକାଶ କରିଛନ୍ତି ।



ନିୟମିତ ସକାଳେ ଜଳଖିଆ ଖାଇବା ଦ୍ୱାରା ସନ୍ତୋଷ ବୃଦ୍ଧି ପାଇବା ସହିତ ରକ୍ତରେ ଲିପିଡ ହ୍ରାସ ପାଇଥାଏ । ଇନସୁଲିନ୍ ସମ୍ବେଦନଶୀଳତା ଏବଂ ରକ୍ତରେ ଶର୍କରା ସହନଶୀଳତା ବୃଦ୍ଧି ପାଇଥାଏ ବୋଲି କାଲିଓଭା ପ୍ରକାଶ କରିଛନ୍ତି । ଅପରପକ୍ଷରେ ସନ୍ଧ୍ୟା ସମୟରେ ମୁଖ୍ୟ ଭୋଜନ ଖାଇଲେ ଶରୀରର ବିଏମଆଇ ଏବଂ ଓଜନ ବୃଦ୍ଧି ପାଇଥାଏ । ଏହା ମୋଟା ଶରୀର ପ୍ରତି ପ୍ରତିକୂଳ ପ୍ରଭାବ ପକାଇଥାଏ । ତେଣୁ ଜଣେ ମୋଟା ଲୋକ ସକାଳ ଜଳଖିଆ ଓ ମଧାହ୍ନ ଭୋଜନ ଖାଇବା ସହିତ ରାତ୍ରିଭୋଜନ ଏବଂ ସ୍ନାକ୍ସ ଏଡାଇବା ଉଚିତ । ସକାଳ ଜଳଖିଆ ଦିନର ମୁଖ୍ୟ ଆହାର ହେବା ସହିତ ରାତିବେଳା ପାଖାପାଖି ୮ ଘଣ୍ଟା ପେଟ ଖାଲି ରହିବା ଆବଶ୍ୟକ ।

# କହିପାରିବେ କି ?

(୧) ପ୍ରଥମ ଭାରତୀୟ ଡାକ ଟିକେଟ କେବେ ଛପା ଯାଇଥିଲା ?
(୨) କେଉଁ ଦେଶରେ ଗୋଟିଏ ବି ନଦୀ ନାହିଁ ?
(୩) ଇଂରାଜୀ ଆଲଫାବେଟରେ କେତୋଟି ବ୍ୟଞ୍ଜନବର୍ଣ୍ଣ ରହିଛି ?
(୪) ପ୍ରଥମ ବିଶ୍ୱଯୁଦ୍ଧ କେବେ ହୋଇଥିଲା ?
(୫) ସୌର ମଣ୍ଡଳର କ୍ଷୁଦ୍ର ଗ୍ରହର ନାମ କ'ଣ ?
(୬) ୧୪୪ ର ବର୍ଗଫଳ କେତେ ?
(୭) ଟେଲିଫୋନ କିଏ ଆବିଷ୍କାର କରିଥିଲେ ?
(୮) ଫୋନରେ ପଡୁଥିବା ସିମ୍ କାର୍ଡରେ ସିମର ଅର୍ଥ କ'ଣ ?
(୯) ପୃଥିବୀର ଛାତ କାହାକୁ କୁହାଯାଏ ?
(୧୦) ଜଣେ ପ୍ରାପ୍ତ ବୟସ୍କ ମଣିଷ ଶରୀରରେ କେତୋଟି ହାଡ ଥାଏ ?

## JUMBLE WORDS

| | | | |
|---|---|---|---|
| 1) AFUIRN | = | 6) LAPLOG | = |
| 2) KACYRN | = | 7) MAFYO | = |
| 3) SEYMS | = | 8) EEZSI | = |
| 4) SSEEN | = | 9) TOONNI | = |
| 5) SUEYNA | = | 10) MIGATB | = |

ଏହି ସମସ୍ତ ପ୍ରଶ୍ନର ଉତ୍ତର ସଂପାଦକ, "ସ୍ୱୀକାର", ଲେବର କଲୋନୀ ମୁଦିପଡ଼ା, ସମ୍ବଲପୁରଙ୍କ ଠିକଣାରେ ପଠାଇବାକୁ ଅନୁରୋଧ । ସମସ୍ତଙ୍କ ଜାଣିବା ପାଇଁ ସମସ୍ତ ପ୍ରଶ୍ନର ଉତ୍ତର ଆସନ୍ତା ସଂଖ୍ୟାରେ ଦିଆଯିବ ।

**ଗତ ସଂଖ୍ୟାର କହିପାରିବେ କି ?** ର ଉତ୍ତର :-

୧. ନାକ ଓ କାନ, ୨. ସ୍ଫିଗ୍‌ମୋମାନୋମିଟର, ୩. ନାଇଟ୍ରୋଜେନ୍, ୪. ପେଚା, ୫. ଅଙ୍ଗାରକାମ୍ଳ, ୬. ଆମାଜନ୍, ୭.ଘାନା, ୮. ଏନିମୋମିଟର, ୯.ଅଷ୍ଟ୍ରେଲିଆ, ୧୦. ଲାଲ୍ ।

***Jumble Words*** ର ଉତ୍ତର :-

(1) SUITE (2) MADLY (3) LETTER (4) JALOPY (5) IPER
(6) WAFER (7) COMPLY (8) VIRTUE (9) MONEY (10) SALAD

# ରାଜ୍ୟରେ ସରକାର ବଦଳିଲା ହେଲେ ସମ୍ବଲପୁରର ଭାଗ୍ୟ ଫିଟିଲା ନାହିଁ


ସମ୍ବଲପୁର : ରାଜ୍ୟରେ ସରକାର ପରିବର୍ତ୍ତନ ହୋଇ ବିଜେପି ସରକାର ଆସିବା ପରେ ସମ୍ବଲପୁରରେ ବହୁ ଉନ୍ନତି ହେବ ବୋଲି ଲୋକଙ୍କ ଯେଉଁ ଆଶା ଥିଲା ତାହା ଏ ପର୍ଯ୍ୟନ୍ତ ପୂରଣ ହୋଇ ପାରି ନାହିଁ । ଦୀର୍ଘଦିନରୁ ଏ ଅଞ୍ଚଳର ଉନ୍ନତି ପାଇଁ ହୋଇ ଆସୁଥିବା ଦାବି ପୂରଣ ପାଇଁ ରାଜ୍ୟ ସରକାରଙ୍କର ଆନ୍ତରିକତା ପରିଲକ୍ଷିତ ହେଉ ନାହିଁ ।

ରାଜ୍ୟ ସରକାର ପଶ୍ଚିମ ଓଡ଼ିଶାର ବିକାଶ ନିମନ୍ତେ ଗଠନ କରିଥିବା ପଶ୍ଚିମ ଓଡ଼ିଶା ବିକାଶ ପରିଷଦ ହେଉ କି ସ୍ୱାସ୍ଥ୍ୟସେବାର ଜୀବନରେଖା ଭିମ୍‌ସାର, ସବୁ ଅନୁଷ୍ଠାନର ଅବସ୍ଥା ଅଧୁନା ଦୟନୀୟ ହୋଇଯାଇଛି । ଏପଟେ ପଶ୍ଚିମ ଓଡ଼ିଶାରେ ହାଇକୋର୍ଟର ସ୍ଥାୟୀ ବେଞ୍ଚ ସ୍ଥାପନ ଦିଗରେ ବି ଆନ୍ତରିକତା ଦେଖିବାକୁ ମିଳୁନାହିଁ । ସରକାର ବଦଳିବା ପରେ ମଧ ଏହି ଅଞ୍ଚଳ ପ୍ରତି ସରକାରୀ ଆଭିମୁଖ୍ୟରେ କୌଣସି ପରିବର୍ତ୍ତନ ଦେଖାଯାଉ ନାହିଁ ।

ରାଜ୍ୟରେ ଗଲା ୨୪ ବର୍ଷ ହେଲା ଶାସନ କରୁଥିବା ବିଜେଡି ସରକାର ଅମଳରେ ସରକାରୀ ବାବୁମାନଙ୍କୁ ପ୍ରାଧାନ୍ୟ ଦିଆଯାଉଥିଲା । ସରକାରଙ୍କ ବିଶ୍ୱସ୍ତ ସରକାରୀ ବାବୁମାନେ ଗୁରୁତ୍ୱପୂର୍ଣ୍ଣ ପଦପଦବିରେ ଅବସ୍ଥାପିତ ହେଉଥିଲେ । ଏହି କ୍ରମରେ ରାଜ୍ୟର ପୂର୍ବତନ ମୁଖ୍ୟ ଶାସନ ସଚିବ ଅସିତ ତ୍ରିପାଠୀଙ୍କୁ ତତ୍କାଳୀନ ସରକାର ପଶ୍ଚିମ ଓଡ଼ିଶା ବିକାଶ ପରିଷଦର ଅଧକ୍ଷ ନିଯୁକ୍ତି କରିଥିଲେ । ଏହା କିନ୍ତୁ ବିଜେଡି ପାଇଁ ଏକପ୍ରକାର ଘାତକ ହୋଇଥିଲା । ସାଧାରଣ ଜନତା ତ ଭିନ୍ନ କଥା, ଶାସକ ଦଳର ନେତା ଓ କର୍ମୀମାନେ ବି ତାଙ୍କ ପାଖ ମାଡ଼ି ପାରୁ ନ ଥିଲେ । ତେବେ ସରକାର ବଦଳିବା ପରେ ଶ୍ରୀ ତ୍ରିପାଠୀ ନୂଆ ସରକାର ବିଦା କରିବା ପୂର୍ବରୁ ନିଜ ଆଡୁ ଇସ୍ତଫା ଦେଇଥିଲେ । ନିର୍ବାଚନ ଅବ୍ୟବହିତ ପୂର୍ବରୁ ଏହାର ମୁଖ୍ୟ ନିର୍ବାହୀ ଅଧିକାରୀ ସ୍ୱେଚ୍ଛାକୃତ ଅବସର ନେଇଥିଲେ । ଶ୍ରୀ ତ୍ରିପାଠୀଙ୍କ ଇସ୍ତଫା ପରେ ବିକାଶ ପରିଷଦର ଦୁଇ ଗୁରୁତ୍ୱପୂର୍ଣ୍ଣ ପଦ ଖାଲି ହୋଇ ଯାଇଥିଲା ।

ବିଜେପି ସରକାରକୁ ଏହି ପଦ ପୂରଣ ପାଇଁ ଅନେକ ମାସ ଲାଗିଯାଇଛି । ବିକାଶ ପରିଷଦରେ ଜଣେ ସ୍ଥାୟୀ ଅଧକ୍ଷ ନିଯୁକ୍ତ କରିବା ପରିବର୍ତ୍ତେ ସରକାର ଉତ୍ତରାଞ୍ଚଳ ଆରଡିସିଙ୍କୁ ଏହି ଦାୟିତ୍ୱ ଦେଇଛନ୍ତି । ଏପଟେ ବିକାଶ ପରିଷଦ ଗଠନର ୨୫ ବର୍ଷ ପରେ ମଧ ଏହାର ମୁଖ୍ୟାଳୟ ରାଜଧାନୀରୁ ଏହି ଅଞ୍ଚଳକୁ ସ୍ଥାନାନ୍ତର କରାଯିବା ନେଇ ଜନଅସନ୍ତୋଷ ରହିଛି ।

ସମଗ୍ର ପଶ୍ଚିମ ଓଡ଼ିଶା ସହିତ ସୀମାନ୍ତ ଛତିଶଗଡ଼ ଓ ଝାଡ଼ଖଣ୍ଡର ଲୋକେ ସ୍ୱାସ୍ଥ୍ୟସେବା ପାଇଁ ନିର୍ଭର କରୁଥିବା ଭିମ୍‌ସାର ନାନା ସମସ୍ୟା ଘେରରେ ଛନ୍ଦି ହୋଇଛି । ଭିମ୍‌ସାରକୁ ପୂର୍ଣ୍ଣ ସ୍ୱୟଂଶାସନ କ୍ଷମତା




ପ୍ରଦାନ ଦାବି ପ୍ରତି ସରକାର ଆଖିବୁଜି ଦେଇଛନ୍ତି । କାମଚଳା ନିର୍ଦ୍ଦେଶକ ପ୍ରଫେସର ଭାବଗ୍ରାହୀ ରଥଙ୍କ ଅବସର ପୂର୍ବରୁ ସ୍ଥାୟୀ ନିର୍ଦ୍ଦେଶକ ନିଯୁକ୍ତ କରିବା ପରିବର୍ତ୍ତେ ସରକାର ଗତ ୨ ବର୍ଷ ହେଲା ଯେଉଁ ଧାରାରେ ଚାଲିଥିଲେ, ସେହି ଅନୁଯାୟୀ କାମଚଳା ନିର୍ଦ୍ଦେଶକ ଭାବେ ଡିଏମ୍‌ଇଟିଙ୍କୁ ଏହି ଦାୟିତ୍ୱ ଦେଇଛନ୍ତି । ଦୁର୍ଭାଗ୍ୟର ବିଷୟ ହେଲା, ପଶ୍ଚିମ ଓଡ଼ିଶାର ଜଣେ ନେତା ବର୍ତ୍ତମାନ ସ୍ୱାସ୍ଥ୍ୟମନ୍ତ୍ରୀ ଥିବା ସତ୍ତ୍ୱେ ଏମ୍‌ଆରଆଇ ଭଳି ଅତ୍ୟନ୍ତ ଜରୁରୀ ରୋଗ ନିରୂପଣ ଯନ୍ତ୍ରପାତି ବି ସ୍ଥାପନ ହୋଇପାରୁନାହିଁ । ଦୀର୍ଘ ୫୦ ବର୍ଷରୁ ଅଧିକ ସମୟ ହେଲା ହାଇକୋର୍ଟର ସ୍ଥାୟୀ ବେଞ୍ଚ ସ୍ଥାପନ ପାଇଁ ଦାବି ହୋଇ ଆସୁଥିବା ବେଳେ ଗତ ନିର୍ବାଚନରେ ଏକ ପ୍ରମୁଖ ପ୍ରସଙ୍ଗ କରିଥିବା ବିଜେପିର ଡବଲ୍ ଇଂଜିନ ସରକାର ବର୍ତ୍ତମାନ ଏଥିପ୍ରତି ଅଣଦେଖା କରୁଥିବା ଅଞ୍ଚଳରେ ଚର୍ଚ୍ଚା ହେଉଛି ।

ସେହିପରି ସମ୍ବଲପୁର ମହାନଗର ନିଗମ ଘୋଷଣାକୁ ୧୧ ବର୍ଷ ବିତିଲାଣି । ଦୀର୍ଘ ୧୧ ବର୍ଷ ବିତିବା ପରେ ମଧ ଆଜି ପର୍ଯ୍ୟନ୍ତ ମହାନଗର ନିଗମ ନିର୍ବାଚନ ସମ୍ଭବପର ହୋଇନାହିଁ । ମହାନଗର ନିଗମ ମଧରେ ବସବାସ କରୁଥିବା ଲୋକଙ୍କୁ ବର୍ତ୍ତମାନ ପର୍ଯ୍ୟନ୍ତ ମୌଳିକ ସୁବିଧା ମିଳିବା ମଧ ସମ୍ଭବ ହେଉ ନାହିଁ । ନିର୍ବାଚନ ଅନୁଷ୍ଠିତ ହୋଉନଥିବାରୁ ସବୁକିଛି ଚାଲିଛି ଅଧିକାରୀଙ୍କ ଭରସାରେ । ଆପତ୍ତି ଅଭିଯୋଗ ଓ ସମସ୍ୟାର ସମାଧାନ ପାଇଁ ନିର୍ବାଚୀତ ପ୍ରତିନିଧି ନ ଥିବାରୁ ଲୋକେ ନ୍ୟାୟ ପାଇବାରୁ ମଧ ବଞ୍ଚିତ ହେଉଛନ୍ତି ବୋଲି ବୁଦ୍ଧିଜୀବୀ ମହଲରେ ଅଭିଯୋଗ ହେଉଛି ।

ସମ୍ବଲପୁର ମହାନଗର ନିଗମ ଦୀର୍ଘ ପ୍ରାୟ ୧୧ ବର୍ଷ ହେଲା ଜନସାଧାରଣଙ୍କ ପ୍ରତିନିଧି ବଦଳରେ ପରୋକ୍ଷ ଭାବେ ଜିଲ୍ଲା ପ୍ରଶାନ ମାଧମରେ ଶାସନ ଚାଲିଛି । ଯେଉଁ ଉଦେଶ୍ୟ ନେଇ ମହାନଗର ନିଗମ ଘୋଷଣା ହୋଇଥିଲା ତାହା ବର୍ତ୍ତମାନ ସୁଦ୍ଧା ପୂରଣ ହୋଇପାରି ନାହିଁ । ସମସ୍ୟାରେ ଛନ୍ଦି ହୋଇଥିବା ଜନସାଧାରଣଙ୍କ ପାଇଁ ସୃଷ୍ଟି ହୋଇଛି ବିଚିତ୍ର ସ୍ଥିତି । ଆପତ୍ତି ଅଭିଯୋଗ ତ ଗ୍ରହଣ ହେଉଛି ହେଲେ ତାହା ମୂଲ୍ୟହୀନ ପାଲଟୁଛି । କୁଢ଼ କୁଢ଼ ଆବର୍ଜନା, ଖଣ୍ଡିଆ ଖାବରା ରାସ୍ତା, ଭଙ୍ଗା ଡ୍ରେନ୍, ଷ୍ଟ୍ରିଟ୍ ଲାଇଟ୍ ସମସ୍ୟା ଭଳି ବହୁ ସମସ୍ୟାରେ ଭରି ରହିଛି ମହାନଗର । ନିର୍ବାଚନ ହେବ ହେବ ବୋଲି ୧୦ ବର୍ଷ ବିତିଲାଣି । ହେଲେ ଆଜି ପର୍ଯ୍ୟନ୍ତ ନିର୍ବାଚନ ଅନୁଷ୍ଠିତ ହେଉ ନାହିଁ । ସବୁକିଛି ବର୍ତ୍ତମାନ ସରକାରୀ ଅଧିକାରୀଙ୍କ ନିଷ୍ପତ୍ତି ଉପରେ ନିର୍ଭର କରୁଛି । ମହାନଗର ନିଗମ ଘୋଷଣା ହେବା ପରଠାରୁ ଲୋକେ ମହାନଗର ପାଇଁ ରହିଥିବା ମମସ୍ତ ଟ୍ୟାକ୍ସ ପ୍ରଦାନ କରୁଛନ୍ତି କିନ୍ତୁ ସୁବିଧା ମିଳୁ ନାହିଁ ।

ପ୍ରକାଶ ଥାଉକି ସମ୍ବଲପୁରକୁ ମହାଗନଗର ଘୋଷଣା କରିବା ପାଇଁ ରାଜ୍ୟ ସରକାର ୨୦୧୩ ମସିହା ନଭେମ୍ବର ୧୫ ତାରିଖରେ ନୋଟିଫିକେସନ୍ ପ୍ରକାଶ କରିଥିଲେ । ସମ୍ବଲପୁର ପୌରପରିଷଦ, ବୁର୍ଲା ଓ ହୀରାକୁଦ ଏନ୍‌ଏସି ସହିତ ଧନକଉଡ଼ାର ୭ଟି ଓ ମାନେଶ୍ୱର ବ୍ଲକର ୫ଟି ପଞ୍ଚାୟତକୁ ମିଶ୍ରଣ କରି ସମ୍ବଲପୁର ମହାନଗର ନିଗମ(ଏସ୍‌ଏମ୍‌ସି) ଘୋଷଣା ହୋଇଥିଲା । ଉଦେଶ୍ୟ ଥିଲା ରାଜ୍ୟର ସର୍ବ ପୁରାତନ ସହର ମଧରେ ଅନ୍ୟତମ ସମ୍ବଲପୁରକୁ ମହାନଗର ନିଗମର ମାନ୍ୟତା ପ୍ରଦାନ କରିବା । ଏଠାରେ ବସବାସ କରୁଥିବା ଜନସାଧାରଣଙ୍କୁ ଉନ୍ନତ ମୌଳିକ ସୁବିଧା ଓ ସୁଯୋଗ ପ୍ରଦାନ କରିବା ସହ ଐତିହାସିକ ସମ୍ବଲପୁର ସହରକୁ ଆଧୁନିକ ଭାବେ ଗଢ଼ି ତୋଳିବା । ମହାନଗର ନିଗମ ଘୋଷଣା ହୋଇଥିଲେ ମଧ ବର୍ତ୍ତମାନ ସୁଦ୍ଧା ଆବଶ୍ୟକ ସଂଖ୍ୟକ ଅଧିକାରୀ ଓ କର୍ମଚାରୀଙ୍କୁ ନିଯୁକ୍ତି ମିଳି ନାହିଁ । ଉନ୍ନୟନ କାର୍ଯ୍ୟ କରୁଥିବା ଇଞ୍ଜିନିୟରିଂ ବିଭାଗର କାର୍ଯ୍ୟଦକ୍ଷତା ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି । ବର୍ଷକୁ କୋଟି କୋଟି ଟଙ୍କା ଖର୍ଚ୍ଚ ହେଉଥିଲେ ମଧ ସ୍ୱଚ୍ଛତା ଆସିପାରୁ ନାହିଁ । ନାହିଁ ନାହିଁର ବ୍ୟବସ୍ଥା ମଧରେ ସମ୍ବଲପୁରବାସୀ ଏକ ପ୍ରକାର ବଞ୍ଚିବାକୁ ବାଧ ହେଉଛନ୍ତି ବୋଲି ସାଧାରଣରେ ମତ ପ୍ରକାଶ ପାଉଛି ।

# କବରାପାଲି ଅଟଳ ଗାଁରେ ସାମିଲ ହେବାରେ ଓଡ଼ିଶାରେ ପ୍ରଥମ

ସମ୍ବଲପୁର : ସମ୍ବଲପୁର ଜିଲା ଯୁଯୁମୁରା ବ୍ଲକ କବରାପାଲି ପଞ୍ଚାୟତ ସଦର କବରାପାଲିକୁ ଅଟଳ ଗାଁ ପ୍ରକଳ୍ପରେ ସାମିଲ




କରାଯାଇଛି । ଭାରତୀୟ ଷ୍ଟେଟ ବ୍ୟାଙ୍କ ପକ୍ଷରୁ ଏହି ଗ୍ରାମକୁ ପୋଷ୍ୟଗ୍ରାମ ଭାବେ ଗ୍ରହଣ କରାଯାଇ ଭାରତର ଦ୍ୱିତୀୟ ଓ ରାଜ୍ୟର ପ୍ରଥମ ଗ୍ରାମର ମାନ୍ୟତା ଦିଆଯାଇଥିବା ବ୍ୟାଙ୍କର ମୁଖ୍ୟ ମହା ପ୍ରବନ୍ଧକ ଦୀନେଶ ପୃଷ୍ଟି ଘୋଷଣା କରିଛନ୍ତି ।

ଏହି ଅବସରରେ ଆୟୋଜିତ ସଭାରେ ଉତ୍ତରାଞ୍ଚଳ ରାଜସ୍ୱ କମିଶନର ସଚିନ ରାମଚନ୍ଦ୍ରନ ମୁଖ୍ୟଅତିଥି ଭାବେ ଯୋଗଦେଇ ସଞ୍ଚୟହିଁ ଜୀବନ ଧାରଣର ମୁଖ୍ୟ ଓ ଏଥିପାଇଁ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ବିଭିନ୍ନ ଜନ ହିତ ଯୋଜନା ସମ୍ପର୍କରେ ଆଲୋଚନା କରି ସାମାଜିକ ସୁରକ୍ଷା ଉପରେ ଲୋକଙ୍କ ଭାଗିଦାରିତାକୁ ଗୁରୁତ୍ୱ ଦେବାକୁ କହିଥିଲେ । ସଭାରେ ଅନ୍ୟ ମାନଙ୍କ ମଧ୍ୟରେ ଡିଜିଏମ ସଞ୍ଜୟ କୁମାର ଝା, ଆଞ୍ଚଳିକ ପ୍ରବନ୍ଧକ ମାନସ ରଞ୍ଜନ ପ୍ରଧାନ, ଯୁଯୋମୁରା ବ୍ଲକ ଅଧକ୍ଷା ମମତା ନାଏକ, ଯୁଯୋମୁରା ଜିଲ୍ଲାପରିଷଦ- ୧ ଜୋନ ସଭ୍ୟା କବିତା ସାହୁ, କବରାପାଲି ସରପଞ୍ଚ ଅନ୍ତର୍ଯାମୀ ପଧାନ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ ।

ପୂର୍ବରୁ ଗାଁରେ ଏକ ସ୍ୱତନ୍ତ୍ର ଶିବିର କରାଯାଇ ଯାହାର ଷ୍ଟେଟବ୍ୟାଙ୍କରେ ଆକାଉଣ୍ଟ ନାହିଁ ସେମାନଙ୍କର ଆକାଉଣ୍ଟ ଖୋଲାଯାଇଥିଲା । ଆଞ୍ଚଳିକ ପ୍ରଶାସନିକ କାର୍ଯ୍ୟାଳୟର କର୍ମଚାରୀଙ୍କ ସହ ସ୍ୱୟଂସହାୟକ ଗୋଷ୍ଠୀ କର୍ମକର୍ତ୍ତାମାନେ ଘରକୁ ଘର ବୁଲି ଷ୍ଟେଟ ବ୍ୟାଙ୍କରେ ଆକାଉଣ୍ଟ ଖୋଲିବା ନେଇ ପ୍ରତି ପରିବାରକୁ ସଚେତନ କରିଥିଲେ ।

କବରାପାଲି ଗ୍ରାମକୁ ଅଟଳ ପୋଷ୍ୟ ଗ୍ରାମ ଭାବେ ଏସବିଆଇ ଗ୍ରହଣ କରିବା ପରେ ଗ୍ରାମରେ ଅଟଳ ପେନସନ ଯୋଜନା, ପ୍ରଧାନମନ୍ତ୍ରୀ ସୂର୍ଯ୍ୟଘର, ପ୍ରଧାନମନ୍ତ୍ରୀ ସ୍ୱନିଧି ଯୋଜନା ସହ କେନ୍ଦ୍ର ସରକାରଙ୍କ ବିଭିନ୍ନ ଯୋଜନାକୁ ନେଇ ବିଭିନ୍ନ କାର୍ଯ୍ୟକ୍ରମ ଏସବିଆଇ ମାଧମରେ କରାଯିବାକୁ ଲକ୍ଷ୍ୟ ରଖାଯାଇଛି । ଏହି ଅବସରରେ ଏହି ସବୁ ଶ୍ରେଣୀର ହିତାଧିକାରୀ ମାନଙ୍କୁ ବ୍ୟାଙ୍କ ପକ୍ଷରୁ ଅର୍ଥରାଶି ସହିତ ସମ୍ମାନିତ କରାଯାଇଥିଲା ।

ଅଟଳ ଗ୍ରାମ ହେବା ଦ୍ୱାରା ବିଭିନ୍ନ ସରକାରୀ ଯୋଜନା କାର୍ଯ୍ୟକାରୀ କରାଇବା ଦିଗରେ ମଧ ପ୍ରାଧାନ୍ୟ ମିଳିବ । ଏଥିପାଇଁ କବରାପାଲି ପଞ୍ଚାୟତରେ ଚଳିତ ବର୍ଷ ଅଟଳ ପେନସନ ଯୋଜନାରେ ଏକ ହଜାର ଏବଂ ସୂର୍ଯ୍ୟ ଘର ଯୋଜନାରେ ଶହେ ଘରକୁ ସାମିଲ କରାଯିବାର ପ୍ରାଥମିକ ଭାବେ ଲକ୍ଷ୍ୟ ରଖାଯାଇଥିବା କୁହାଯାଇଛି ।

ଏହି କାର୍ଯ୍ୟକ୍ରମରେ ଅନ୍ୟ ମାନଙ୍କ ମଧରେ ମୁଖ୍ୟ ପ୍ରବନ୍ଧକ ରାଜେନ୍ଦ୍ର ସାହୁ, ପ୍ରବନ୍ଧକ ପ୍ରକାଶ ଚନ୍ଦ୍ର ସାହୁ, ଉପ ପ୍ରବନ୍ଧକ ପ୍ରଦୀପ କୁମାର ସାହୁ, ଏଜିଏମ ଶ୍ୟାମ ସୁନ୍ଦର ଠାକୁର ଓ ଆଞ୍ଚଳିକ ପ୍ରଶାସନିକ କାର୍ଯ୍ୟାଳୟ କର୍ମଚାରୀମାନେ ଉପସ୍ଥିତ ରହି ଅଟଳ ଗାଁ ର ଆଭିମୁଖ୍ୟ ଓ ଭବିଷ୍ୟତ ଲକ୍ଷ୍ୟ ଉପରେ ଜନ ସଚେତନତା ସୃଷ୍ଟି କରିଥିଲେ । ଏହି ଅବସରରେ ସମ୍ବଲପୁରୀ କଣ୍ଠ ଶିଳ୍ପୀ ପଦ୍ମିନୀ ଦୋରା ଓ ତାଙ୍କ ସାଥୀ ମାନେ ନୃତ୍ୟ ଗୀତ ପରିବେଷଣ କରିଥିଲେ । ଶେଷରେ ପଡିଆବାହାଲ ବ୍ୟାଙ୍କ ମ୍ୟାନେଜର ଅମ୍ରିତା ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ ।

ସଭାଶେଷରେ କବରାପାଲି ଗ୍ରାମକୁ ଆଲୋକ ସୌନ୍ଦର୍ଯ୍ୟକରଣରେ ସାମିଲ କରାଯିବାକୁ ଗ୍ରାମରେ ସୋଲାର ଲାଇଟ ଲଗାଯିବାକୁ ଏସ୍.ବି.ଆଇ ପକ୍ଷରୁ ଘୋଷଣା କରାଯାଇଥିଲା ।

## ଏଲ୍‌ଏନ୍ କଲେଜ ସରକାରୀକରଣ ପାଇଁ କମିଟି ଗଠିତ

ଝାରସୁଗୁଡ଼ା : ଝାରସୁଗୁଡ଼ା ଜିଲ୍ଲାର ସର୍ବପୁରାତନ ଏଲ୍‌ଏନ୍ କଲେଜ (ଲକ୍ଷ୍ମୀ ନାରାୟଣ ମହାବିଦ୍ୟାଳୟ) ସରକାରୀକରଣ ପାଇଁ ଏକ କମିଟି ଗଠିତ ହୋଇଯାଇଛି । ଗତ ଜାନୁୟାରୀ ୨୮ରେ ଶିକ୍ଷା ବିଭାଗ ଆଞ୍ଚଳିକ ନିର୍ଦ୍ଦେଶକ, କଲେଜ ଅଧକ୍ଷା ଓ ଜିଲା ଶିକ୍ଷା ଅଧିକାରୀଙ୍କ ଅନୁଧାନ ରିପୋର୍ଟ ଅନୁଯାୟୀ କଲେଜ ସରକାରୀ କରିବା ପାଇଁ ଏକ କମିଟି ଗଠିତ ହୋଇଯାଇଛି । ଓଡ଼ିଶା ସରକାରଙ୍କ ଉଚ୍ଚ ଶିକ୍ଷା ବିଭାଗ ଅନୁସାରେ ଏହି କମିଟିରେ ନିର୍ଦ୍ଦେଶକ ଉଚ୍ଚ ଶିକ୍ଷା ବିଭାଗ ଅଧକ୍ଷ ଭାବେ ଓ ଶିକ୍ଷା ବିଭାଗ ସ୍ୱତନ୍ତ୍ର ସେକ୍ରେଟାରୀ, ଏନସିଇଟିର ଅତିରିକ୍ତ ସେକ୍ରେଟାରୀ, ଶିକ୍ଷା ବିଭାଗ ଆଞ୍ଚଳିକ ନିର୍ଦ୍ଦେଶକ ସମ୍ବଲପୁର ଓ ଏଲ୍‌ଏନ୍ କଲେଜ ଅଧକ୍ଷା ସଭ୍ୟ ଭାବେ ମନୋନୀତ ହୋଇଛନ୍ତି । ଏହି କମିଟି କଲେଜର ସରକାରୀକରଣ ପାଇଁ ସମସ୍ତ ପ୍ରକ୍ରିୟା ସାରି ଉଚ୍ଚ ଶିକ୍ଷା ବିଭାଗ ଓଡିଶା ସରକାରଙ୍କ ପାଖରେ ଦଖଲ କରିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି ।

**ଗ୍ରାହକମାନଙ୍କ ପାଇଁ ବିଶେଷ ସୂଚନା**

ସାପ୍ତାହିକ 'ସ୍ୱୀକାର' ନେବା ପାଇଁ ଆଗ୍ରହୀ ଗ୍ରାହକମାନେ ତାଙ୍କର ଦେୟ କାନାରା ବ୍ୟାଙ୍କ ସମ୍ବଲପୁର ଶାଖାର ଏକାଉଣ୍ଟ ନମ୍ବର ୦୧୮୫୨୦୧୦୨୧୫୩୮, ଆଇଏଫସି କୋଡ- ସିଏନ୍‌ଆର୍‌ବି ୦୦୦୦୧୮୫ ରେ ଏନଇଏଫଟି, ଆରଟିଜିଏସ୍ ମାଧ୍ୟମରେ ଜମା କରି ପାରିବେ ।

**Subscription Rate of The Sweekar**

| | | |
|---|---|---|
| Life Member | - | Rs.5000.00 |
| Annual | - | Rs. 500.00 |
| Half-yearly | - | Rs. 250.00 |
| Quarterly | - | Rs. 120.00 |

**Advertisement Tariff of The Sweekar**

| | | |
|---|---|---|
| Full Page | - | Rs. 2,00,000.00 |
| Half Page | - | Rs. 1,00,000.00 |
| Quarter Page | - | Rs. 50,000.00 |

Colour Advertisement - 100% Extra

# ପ୍ରଧାନମନ୍ତ୍ରୀଙ୍କ ପରୀକ୍ଷା ପେ ଚର୍ଚ୍ଚା କାର୍ଯ୍ୟକ୍ରମରେ ଯୋଗ ଦେଇଥିବା ଛାତ୍ରୀ ପ୍ରୀତି ବିଶ୍ୱାଳ ସମ୍ବର୍ଦ୍ଧିତ







ଝାରସୁଗୁଡ଼ା: ଲଖନପୁର ବ୍ଲକ ଓଡ଼ିଶା ଆଦର୍ଶ ବିଦ୍ୟାଳୟର ଛାତ୍ରୀ ପ୍ରୀତି ବିଶ୍ୱାଳ ନୂଆ-ଦିଲ୍ଲୀର ଭାରତ ମଣ୍ଡପଠାରେ ଅନୁଷ୍ଠିତ ପରୀକ୍ଷା ପେ ଚର୍ଚ୍ଚା–୨୦୨୫ କାର୍ଯ୍ୟକ୍ରମରେ ଅଂଶ ଗ୍ରହଣ କରି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ସହ ସାକ୍ଷାତ କରି ଝାରସୁଗୁଡ଼ା -ଜିଲା ତଥା ରାଜ୍ୟ ପାଇଁ ଗୌରବ ଆଣିଛନ୍ତି। ପରୀକ୍ଷା ପେ ଚର୍ଚ୍ଚା ପାଇଁ ଦେଶର ୩୬ଜଣ ଛାତ୍ରୀଛାତ୍ରଙ୍କ ମଧ୍ୟରୁ ପ୍ରୀତି ଚୟନ ହୋଇଥିଲେ। ଦିଲ୍ଲୀରେ ପହଞ୍ଚିବା ପରେ ସେ ଉତ୍ସାହ ଓ ପ୍ରତୀକ୍ଷାରେ ପରିପୂର୍ଣ୍ଣ ହୋଇ ପ୍ରଧାନମନ୍ତ୍ରୀଙ୍କୁ ଭେଟିବାକୁ ଆଗ୍ରହୀ ଥିଲେ ଏବଂ ଶେଷରେ ତାଙ୍କୁ ଇଣ୍ଟରାକ୍ଟିଭ୍ ସେସନରେ ପ୍ରଧାନ ମନ୍ତ୍ରୀଙ୍କୁ ପ୍ରଶ୍ନ ପଚାରିବାର ସୁଯୋଗ ମିଳିଥିଲା। ଯେଉଁ ଛାତ୍ରୀଛାତ୍ରମାନେ ସେମାନଙ୍କ ସର୍ବଶ୍ରେଷ୍ଠ ଉଦ୍ୟମ ସତ୍ତ୍ୱେ ଅଳ୍ପ ପ୍ରଦର୍ଶନ କରୁଛନ୍ତି ବୋଲି ଅନୁଭବ କରୁଛନ୍ତି ସେମାନଙ୍କୁ ପ୍ରଧାନମନ୍ତ୍ରୀଙ୍କ କ'ଣ ଉପଦେଶ ରହିବ ବୋଲି ପ୍ରୀତି ପ୍ରଶ୍ନ ପଚାରିଥିଲେ। ଏହାର ଜବାବରେ ପ୍ରଧାନମନ୍ତ୍ରୀ ମୋଦି ଛାତ୍ରମାନଙ୍କୁ ଏକ ସକରାତ୍ମକ ମାନସିକତା ଗ୍ରହଣ କରିବାକୁ ଏବଂ ପ୍ରତିବନ୍ଧକ ଦ୍ୱାରା ନିରାଶ କ'ଣ ହେବା ପରିବର୍ତ୍ତେ ନିରନ୍ତର ଉନ୍ନତି ଉପରେ ଧ୍ୟାନ ଦେବାକୁ ଉତ୍ସାହିତ କରିଥିଲେ। ସଫଳତା ହେଉଛି ଏକ ଯାତ୍ରା ଏବଂ ପ୍ରକୃତ ଶିକ୍ଷା ଚ୍ୟାଲେଞ୍ଜରୁ ଆସିଥାଏ ବୋଲି ପ୍ରଧାନମନ୍ତ୍ରୀ କହିଥିଲେ। ସେ ଛାତ୍ରମାନଙ୍କୁ ସେମାନଙ୍କ ଦୁର୍ବଳତାକୁ ବିଶ୍ଳେଷଣ କରିବାକୁ, ବାସ୍ତବବାଦୀ ଲକ୍ଷ୍ୟ ସ୍ଥିର କରିବାକୁ ଏବଂ ନିଜକୁ ଅନ୍ୟମାନଙ୍କ ସହିତ ତୁଳନା ନ କରିବାକୁ ପରାମର୍ଶ ଦେଇଥିଲେ। ପ୍ରୀତି ତାଙ୍କ ଅଭିଜ୍ଞତା ବାଣ୍ଟିବାକୁ ଯାଇ ଅତ୍ୟନ୍ତ ଉତ୍ସାହ ବ୍ୟକ୍ତ କରି କହିଛନ୍ତି ପ୍ରଧାନମନ୍ତ୍ରୀଙ୍କ ସହ କଥାବାର୍ତ୍ତା ହେବା ଏକ ସ୍ୱପ୍ନ ଥିଲା। ତାଙ୍କ କଥା ମୋତେ ଶିକ୍ଷା ଏବଂ ଆତ୍ମ-ଅଭିବୃଦ୍ଧି ପାଇଁ ଏକ ନୂତନ ଦୃଷ୍ଟିକୋଣ ଦେଇଛି। ମୁଁ ବର୍ତ୍ତମାନ ଅଧିକ ଆତ୍ମବିଶ୍ୱାସୀ ଏବଂ ବିଫଳତାକୁ ଭୟ ନ କରି କଠିନ ପରିଶ୍ରମ କରିବାକୁ ପ୍ରେରିତ ବୋଲି ଛାତ୍ରୀ ପ୍ରୀତି କହିଛନ୍ତି।

ଏହି ପରିପ୍ରେକ୍ଷୀରେ ଜିଲ୍ଲା ଖଣିଜ ପାଣ୍ଠି ପ୍ରେକ୍ଷାଳୟରେ ଅନୁଷ୍ଠିତ ଏକ କାର୍ଯ୍ୟକ୍ରମରେ ଝାରସୁଗୁଡ଼ା ବିଧାୟକ ଟଙ୍କଧର ତ୍ରିପାଠୀ ଓ ଜିଲ୍ଲାପାଳ ଅବୋଲି ସୁନୀଲ ନରୱଣେଙ୍କ ଉପସ୍ଥିତିରେ ପ୍ରୀତି ନୂଆଦିଲ୍ଲୀରେ ପରୀକ୍ଷା ପେ' ଚର୍ଚ୍ଚା ୨୦୨୫ କାର୍ଯ୍ୟକ୍ରମରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ପଚାରିଥିବା ପ୍ରଶ୍ନ ଓ ପ୍ରଧାନ ମନ୍ତ୍ରୀ ପ୍ରଶ୍ନର ଉତ୍ତରରେ ଦେଇଥିବା ଉପଦେଶାତ୍ମକ ପ୍ରେରଣା ସମ୍ପର୍କରେ ଛାତ୍ରଛାତ୍ରୀମାନଙ୍କୁ କହିଥିଲେ। କାର୍ଯ୍ୟକ୍ରମରେ ଅଂଶ ଗ୍ରହଣ ପଛରେ ଶିକ୍ଷକ ଓ ପିତାମାତାଙ୍କ ପ୍ରୋତ୍ସାହନ ରହିଥିବା କହିଥିଲେ। ଜିଲ୍ଲାର ୧୫ଟି ଉଚ୍ଚ ବିଦ୍ୟାଳୟର ପ୍ରାୟ ୫୦ ଜଣ ବଛାବଛା ଛାତ୍ରଛାତ୍ରୀ କାର୍ଯ୍ୟକ୍ରମରେ ଯୋଗଦେଇ ପ୍ରୀତିଙ୍କ ଅଭିଜ୍ଞତା ଶୁଣିଥିଲେ। ଛାତ୍ରଛାତ୍ରୀ ପଚାରିଥିବା ପ୍ରଶ୍ନର ଉତ୍ତରରେ ପରୀକ୍ଷା ପାଇଁ ପ୍ରସ୍ତୁତି, ଦୁର୍ବଳ ଥିବା ବିଷୟ ପ୍ରତି ଅଧିକ ଧ୍ୟାନ ଦେବା, ପରୀକ୍ଷାକୁ ଫେଷ୍ଟିଭାଲ ବୋଲି ଭାବି ପରୀକ୍ଷାର ସମ୍ମୁଖୀନ ହେବାକୁ ପ୍ରୀତି ପରାମର୍ଶ ଦେଇଥିଲେ। କାର୍ଯ୍ୟକ୍ରମର ମୁଖ୍ୟ ଅତିଥି ବିଧାୟକ ଶ୍ରୀ ତ୍ରିପାଠୀ ଓ ଜିଲ୍ଲାପାଳ ଶ୍ରୀମତୀ ନରୱଣେ ପ୍ରୀତିଙ୍କୁ ପୁଷ୍ପଗୁଚ୍ଛ ଓ ପୁସ୍ତକ ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରିଥିଲେ। ଏହି ଅବସରରେ ବିଧାୟକ ବିନା ଭୟରେ ପରୀକ୍ଷାକୁ ସାମ୍ନା କରିବାକୁ ପରାମର୍ଶ ଦେଇ ଛାତ୍ରଛାତ୍ରୀମାନେ ନିଜର ବ୍ୟକ୍ତିତ୍ୱ ବିକାଶ ଦିଗରେ ଧ୍ୟାନ ଦେବା ସହ ନିଜ ଭିତରେ ଆତ୍ମବିଶ୍ୱାସ ବୃଦ୍ଧି କରିବାକୁ ପରାମର୍ଶ ଦେଇ ଝାରସୁଗୁଡ଼ା ଜିଲ୍ଲାରୁ ପ୍ରୀତି ଅନ୍ୟମାନଙ୍କ ପାଇଁ ପ୍ରେରଣା ହୁଅନ୍ତୁ ଓ ଆହୁରି ଅଧିକ ଛାତ୍ରଛାତ୍ରୀ ଆଗକୁ ଆସି ସଫଳକାମ ହେବାକୁ ଆଶା ପ୍ରକଟ କରିଥିଲେ। ପ୍ରୀତି କେବଳ ଜିଲ୍ଲା ପାଇଁ ନୁହଁନ୍ତି, ସେ ରାଜ୍ୟ ପାଇଁ ଗୌରବ ବୋଲି କହିଥିଲେ। ଜିଲ୍ଲାରେ ଛାତ୍ରଛାତ୍ରୀମାନେ କିପରି ଅଧିକରୁ ଅଧିକ ସଫଳତା ହାସଲ କରିବେ ସେ ଦିଗରେ ଜିଲ୍ଲାପାଳଙ୍କ ପ୍ରୟାସକୁ ପ୍ରଶଂସା କରିଥିଲେ। ପରୀକ୍ଷା ପେ ଚର୍ଚ୍ଚା କାର୍ଯ୍ୟକ୍ରମରେ ଅଂଶ ଗ୍ରହଣ କରି ପ୍ରଧାନମନ୍ତ୍ରୀଙ୍କ ସହ ବାର୍ତ୍ତାଳାପର ସୁଯୋଗ ଲାଭ କରିଥିବା ଦଶମ ଶ୍ରେଣୀର ଛାତ୍ରୀ ପ୍ରୀତିଙ୍କ ସଫଳତା ନବମ ଶ୍ରେଣୀର ଛାତ୍ରଛାତ୍ରୀଙ୍କୁ ନିଶ୍ଚିତ ଭାବେ ଅନୁପ୍ରେରିତ କରିବ ବୋଲି ଜିଲ୍ଲାପାଳ ଆଶା ପ୍ରକଟ କରିଥିଲେ। ଆଗାମୀ ଦିନରେ ଏହି ଭଳି କାର୍ଯ୍ୟକ୍ରମ ଆୟୋଜନ କରାଯିବ ବୋଲି କହିଥିଲେ। ଛାତ୍ରଛାତ୍ରୀମାନେ ନିଜକୁ କେବଳ ପାଠପଢ଼ା ଭିତରେ ସୀମିତ ନରଖି ଅନ୍ୟାନ୍ୟ କ୍ଷେତ୍ରରେ କିପରି ଆଗକୁ ବଢ଼ିବେ ସେ ଦିଗରେ ପ୍ରଶାସନ ପକ୍ଷରୁ ଏହା ଏକ ଉଦ୍ୟମ ବୋଲି ଜିଲ୍ଲାପାଳ କହିଥିଲେ। ଜିଲ୍ଲା ଶିକ୍ଷା ଅଧିକାରୀ ଡକ୍ଟର ରାଧାକାନ୍ତ ଗଡ଼ତିଆ କାର୍ଯ୍ୟକ୍ରମ ପରିଚାଳନା କରିବା ସହ ଧନ୍ୟବାଦ ଅର୍ପଣ କରିଥିଲେ।

କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ମଧ ପ୍ରୀତି ବିଶ୍ୱାଳ ଏବଂ ତାଙ୍କ ବାପା ତେଜରାମ ବିଶ୍ୱାଳଙ୍କୁ ଭେଟିଛନ୍ତି। ଏହି ଅବସରରେ କେନ୍ଦ୍ରମନ୍ତ୍ରୀ କହିଛନ୍ତି ଯେ ଓଡ଼ିଶା ଆଦର୍ଶ ବିଦ୍ୟାଳୟରେ ପଢୁଥିବା ପ୍ରୀତି 'ପରୀକ୍ଷା ପେ ଚର୍ଚ୍ଚା' କାର୍ଯ୍ୟକ୍ରମରେ ପ୍ରଧାନମନ୍ତ୍ରୀଙ୍କୁ ପଚାରିଥିବା ପ୍ରଶ୍ନ ବିଷୟ କେନ୍ଦ୍ରୀକ ଥିଲା। ପ୍ରୀତିଙ୍କ ଚିନ୍ତାଧାରା ଓ ଆତ୍ମବିଶ୍ୱାସ ସମସ୍ତଙ୍କୁ ପ୍ରଭାବିତ କରିଛି। ଛାତ୍ରଛାତ୍ରୀ ଏବଂ ପରୀକ୍ଷା ଯୋଦ୍ଧାମାନେ ପରୀକ୍ଷା ପାଇଁ ଚିନ୍ତିତ ହେବା କଥା ନୁହେଁ। ଆତ୍ମବିଶ୍ୱାସର ସହ ଚାପମୁକ୍ତ ହୋଇ ଛାତ୍ରଛାତ୍ରୀ ପରୀକ୍ଷା ଦେବା ଦରକାର। ପ୍ରଧାନମନ୍ତ୍ରୀଙ୍କ ପ୍ରେରଣାଦାୟୀ ବାର୍ତ୍ତା ବିଦ୍ୟାର୍ଥୀଙ୍କ ମନୋବଳକୁ ଦୃଢ଼ କରିଛି ବୋଲି କହିବା ସହ କେନ୍ଦ୍ର ଶିକ୍ଷାମନ୍ତ୍ରୀ ପ୍ରୀତିଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଛନ୍ତି।

# ବରଗଡ଼ ସାଂସଦ ପ୍ରଦୀପ ପୁରୋହିତ କେନ୍ଦ୍ରମନ୍ତ୍ରୀମାନଙ୍କୁ ଭେଟି ଜଣାଇଲେ ବିଭିନ୍ନ ଦାବି

ନୂଆଦିଲ୍ଲୀ : ବରଗଡ଼ ଏମ୍.ପି ପ୍ରଦୀପ ପୁରୋହିତ ଏଠାରେ ବିଭିନ୍ନ ମନ୍ତ୍ରୀଙ୍କୁ ସାକ୍ଷାତ୍ କରି ତାଙ୍କ ନିର୍ବାଚନ ମଣ୍ଡଳୀର ବିଭିନ୍ନ ସମସ୍ୟାର ସମାଧାନ ପାଇଁ ସେମାନଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି।

ଶ୍ରୀ ପୁରୋହିତ ପାର୍ଲାମେଣ୍ଟ ଭବନରେ ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ ଶାହାଙ୍କୁ ଭେଟି ଗନ୍ଧମାର୍ଦ୍ଦନ ପର୍ବତମାଳାକୁ ଜାତୀୟ ସମ୍ପତ୍ତି ମାନ୍ୟତା ଏବଂ କୋଶଲି/ସମ୍ବଲପୁରୀ ଭାଷାକୁ ସମ୍ବିଧାନର ଅଷ୍ଟମ ଅନୁଚ୍ଛେଦରେ ସାମିଲ କରିବାକୁ ଦାବି ଉପସ୍ଥାପନ କରିଛନ୍ତି। ଏ ନେଇ ସେ ସ୍ୱରାଷ୍ଟ୍ରମନ୍ତ୍ରୀ ଶାହାଙ୍କୁ ପୃଥକ୍ ଭାବେ ୨ଟି ସ୍ମାରକପତ୍ର ପ୍ରଦାନ କରିଛନ୍ତି। ଗନ୍ଧମାର୍ଦ୍ଦନ ପର୍ବତମାଳା ଉଦ୍ଦେଶ୍ୟରେ ପୁରୋହିତ ଦେଇଥିବା ସ୍ମାରକପତ୍ରରେ ଉଲ୍ଲେଖ ରହିଛି, ଗନ୍ଧମାର୍ଦ୍ଦନ ପର୍ବତ ପଦ୍ମପୁର ବିଧାନସଭା ନିର୍ବାଚନ ମଣ୍ଡଳୀର ରହିଛି। ଏଠାରେ ପ୍ରାଚୀନ ନୃସିଂହନାଥ ମନ୍ଦିର, ହରିଶଙ୍କର ମନ୍ଦିର ରହିଛି ଏବଂ ଉଭୟ ମନ୍ଦିରରେ ହଜାର ହଜାର ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥାଏ। ଏପରିକି ଚାଇନାର ପ୍ରସିଦ୍ଧ ପରିବ୍ରାଜକ ହୁଏନ୍‌ସାଂ ତାଙ୍କ ଲିଖିତ ସି-ୟୁ-କି ପୁସ୍ତକରେ ଗନ୍ଧମାର୍ଦ୍ଦନ ପ୍ରସଙ୍ଗରେ ମଧ ଉଲ୍ଲେଖ କରିଛନ୍ତି। ଗନ୍ଧମାର୍ଦ୍ଦନ ପର୍ବତମାଳାରେ ଏକ ବୌଦ୍ଧ ବିହାର ଥିଲା ଏବଂ ସେଠାରେ ବୌଦ୍ଧ ଦାର୍ଶନିକ ନାଗାର୍ଜୁନ ଉପକୁଳପତି ଥିବା ଉକ୍ତ ପୁସ୍ତକରେ ଉଲ୍ଲେଖ ରହିଛି। ସେହିପରି ଏହି ପର୍ବତମାଳାରେ ବକ୍ସାଇଟ୍, ଚୂନପଥର, ଗ୍ରାନାଇଟ୍ ଆଦି ଖଣିଜ ସମ୍ପଦ ଭରପୂର ରହିଛି। ବିଗତବର୍ଷରେ ତତ୍କାଳୀନ କଂଗ୍ରେସ ସରକାର ଉକ୍ତ ପର୍ବତମାଳାରେ ରହିଥିବା ଖଣିଜ ସମ୍ପଦ ଉତ୍ତୋଳନ ପାଇଁ ବାଲ୍‌କୋ କମ୍ପାନୀକୁ ୪୭ବର୍ଷ ପାଇଁ ଲିଜ୍‌ରେ ଦେଇଥିଲେ। ଖଣି ଖନନ ପ୍ରକ୍ରିୟାରେ ସ୍ଥାନୀୟ ପରିବେଶ ଉପରେ ଏହାର କୁପ୍ରଭାବ ଏବଂ ଧାର୍ମିକ, ପୌରାଣିକ ଭାବାବେଗକୁ ଆଘାତ ହେବାରୁ ତାଙ୍କ ନେତୃତ୍ୱରେ ଗନ୍ଧମାର୍ଦ୍ଦନ ସୁରକ୍ଷା ସଂଘର୍ଷ ସମିତି ତାହାକୁ ଦୃଢ଼ ବିରୋଧ କରି ସେଥିରେ ସଫଳ ହୋଇଥିଲା ବୋଲି ପୁରୋହିତ ସ୍ମାରକପତ୍ରରେ ଉଲ୍ଲେଖ କରିଛନ୍ତି। ଜୈବ ବିବିଧତା, ପ୍ରାକୃତିକ ସୌନ୍ଦର୍ଯ୍ୟ, ପୌରାଣିକ ଏବଂ ଐତିହାସିକ ମହତ୍ତ୍ୱରେ ପରିପୂର୍ଣ୍ଣ ଗନ୍ଧମାର୍ଦ୍ଦନ ପର୍ବତମାଳାକୁ ଆସିବା ପାଇଁ ମଧ ଏମ୍.ପି ସ୍ୱରାଷ୍ଟ୍ରମନ୍ତ୍ରୀଙ୍କୁ ଆମନ୍ତ୍ରଣ କରିଛନ୍ତି।

ସେହିପରି ସମ୍ବଲପୁରୀ/ କୋଶଲି ଭାଷାକୁ ସମ୍ବିଧାନର ଅଷ୍ଟମ ଅନୁଚ୍ଛେଦରେ ସାମିଲ କରିବାକୁ





ପୁରୋହିତ ଶାହାଙ୍କୁ ଆଉଏକ ସ୍ମାରକପତ୍ର ପ୍ରଦାନ କରିଛନ୍ତି। ସେଥିରେ ସେ ଉଲ୍ଲେଖ କରିଛନ୍ତି ଯେ, ଓଡ଼ିଶାର ୩୦ ଜିଲ୍ଲା ମଧ୍ୟରୁ ୧୧ ଜିଲ୍ଲାର ପ୍ରାୟ ୨କୋଟି ଲୋକ ସମ୍ବଲପୁରୀ/କୋଶଲି ଭାଷାରେ



କଥାବାର୍ତ୍ତା ହୁଅନ୍ତି। ଏହା ଏକ ପ୍ରାଚୀନ, ସମୃଦ୍ଧ ଭାଷା ହୋଇଥିବା ବେଳେ ସାହିତ୍ୟର ପ୍ରତୀକ। ସମ୍ବଲପୁରୀ/ କୋଶଲି ଭାଷାରେ ରାମାୟଣ, ମହାଭାରତ, ଭଗବଦ୍ ଗୀତା ଅନୁବାଦିତ ମଧ ହୋଇଛି। ଏହି ଭାଷାକୁ ସମୃଦ୍ଧ କରିବାରେ ପଦ୍ମଶ୍ରୀ ହଳଧର ନାଗ, ପଦ୍ମଶ୍ରୀ ମିତ୍ରଭାନୁ ଗୌନ୍ତିଆ, ପଦ୍ମଶ୍ରୀ ଜିତେନ୍ଦ୍ର ହରିପାଲଙ୍କ ଅବଦାନ ଅତୁଳନୀୟ। ପଶ୍ଚିମ ଓଡ଼ିଶାବାସୀଙ୍କ ପରିଚୟ ଏବଂ ସଂସ୍କୃତିର ଏକ ଅଭିନ୍ନ ଅଙ୍ଗ ହୋଇଥିବା ଏହି ଭାଷାକୁ ସମ୍ବିଧାନର ଅଷ୍ଟମ ଅନୁଚ୍ଛେଦରେ ସାମିଲ କରିବାକୁ ୨୦୧୪ ମାର୍ଚ୍ଚ ୧ତାରିଖରେ ତତ୍କାଳୀନ ମୁଖ୍ୟମନ୍ତ୍ରୀ କେନ୍ଦ୍ର ସରକାରଙ୍କୁ ଅନୁରୋଧ କରିଥିଲେ। କିନ୍ତୁ ପରବର୍ତ୍ତୀ ସମୟରେ ଆଉ ତତ୍କାଳୀନ ରାଜ୍ୟ ସରକାର ସେଥିପ୍ରତି ଗୁରୁତ୍ୱ ଦେଇ ନ ଥିଲେ। ପଶ୍ଚିମ ଓଡ଼ିଶାବାସୀଙ୍କ ଏହା ଏକ ଦୀର୍ଘଦିନର ଦାବି ହୋଇଥିବା ଯୋଗୁ ସମ୍ବଲପୁରୀ/କୋଶଲି ଭାଷାକୁ ସମ୍ବିଧାନର ଅଷ୍ଟମ ଅନୁଚ୍ଛେଦରେ ସାମିଲ କରିବାକୁ ଏମ୍.ପି ସ୍ୱରାଷ୍ଟ୍ରମନ୍ତ୍ରୀ ଶାହାଙ୍କୁ ନିବେଦନ କରିଛନ୍ତି।

ଏହାଛଡ଼ା ଶ୍ରୀ ପୁରୋହିତ ଶାସ୍ତ୍ରୀ ଭବନଠାରେ କେନ୍ଦ୍ର କୋଇଲା ଓ ଖଣିମନ୍ତ୍ରୀ ଶ୍ରୀ ଜି କିଶାନ ରେଡ୍ଡୀଙ୍କୁ ସାକ୍ଷାତ କରି କୋଇଲା ଖଣି ଅଞ୍ଚଳ ବ୍ରଜରାଜନଗରକୁ ଏମସିଏଲ ଜରିଆରେ କିଭଳି ବିଭିନ୍ନ ପ୍ରକାର ବିକାଶ ମୂଳକ କାର୍ଯ୍ୟ କରାଯାଇପାରିବ, ସେ ନେଇ ଆଲୋଚନା କରି ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ଏତଦ୍ ବ୍ୟତୀତ ଦେଶର ବିଭିନ୍ନ କୋଇଲା ଖଣିରେ ନିୟୋଜିତ ଅଧିକାରୀଙ୍କ କିଛି ସମସ୍ୟା କୋଲ ଫିଲ୍ଡ ଆଲୋଆନ୍ସ ପେ ଅପ ଗ୍ରେଡସନ ଉପରେ ମଧ ଆଲୋଚନା କରିଥିଲେ। ଶ୍ରୀ ପୁରୋହିତଙ୍କ ସହ ଏମସିଏଲ ଅଧିକାରୀଙ୍କ ଏକ ପ୍ରତିନିଧି ମଣ୍ଡଳୀରେ ସର୍ବଶ୍ରୀ ଡାକ୍ତର ସାହୁ, ପି ପି ଗୁପ୍ତା, ମନୋଜ କୁମାର, ଧୀରଜ ଠାକୁର ପ୍ରମୁଖ ସାମିଲ ଥିଲେ।

ସେହିପରି ବରଗଡ଼ ସାଂସଦ ଶ୍ରୀ ପୁରୋହିତ କେନ୍ଦ୍ର ରାଜ୍ୟ ପଥ ଓ ସଡ଼କ ପରିବହନ ମନ୍ତ୍ରୀ ନୀତିନ ଗଡ଼କରିଙ୍କୁ ସାକ୍ଷାତ୍‌କରି ବରଗଡ଼ ସହରର ମୁଖ୍ୟ ପ୍ରବେଶ ପଥର ଛକକୁ ପୂର୍ବତନ ପ୍ରଧାନମନ୍ତ୍ରୀ ଅଟଳ ବିହାରୀ ବାଜପେୟୀଙ୍କ ନାମରେ ନାମିତ କରିବା ପାଇଁ ଏକ ଲିଖିତ ପ୍ରସ୍ତାବ ଦେଇଥିଲେ। ଝାରସୁଗୁଡ଼ା ଜିଲ୍ଲା ବ୍ରଜରାଜନଗରରୁ କନକତୋରା ଦେଇ ଯାଇଥିବା ଏନ୍.ଏଚ୍ ୪୯ରେ ଥିବା ଦୁର୍ଘଟଣା ପ୍ରବଣସ୍ଥାନର ଉନ୍ନତି ପାଇଁ କେନ୍ଦ୍ରମନ୍ତ୍ରୀ ନୀତିନ୍ ଗଡ଼କରୀଙ୍କର ସେ ଦୃଷ୍ଟି ଆକର୍ଷଣ କରିବା ପରେ ଏଥିପାଇଁ ମନ୍ତ୍ରୀ ୫୦ କୋଟି ଟଙ୍କା ଅନୁଦାନ ଦେଇଛନ୍ତି।

କେନ୍ଦ୍ର ରେଳ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବଙ୍କୁ ମଧ ଶ୍ରୀ ପୁରୋହିତ ସାକ୍ଷାତ୍ କରି ପ୍ରତିଦିନ ସକାଳେ ବରଗଡ଼ରୁ ଭୁବନେଶ୍ୱରକୁ ଇଣ୍ଟରସିଟି ଟ୍ରେନ୍ ଚଳାଚଳ କରିବାକୁ ଅନୁରୋଧ କରିଥିଲେ। ବରଗଡ଼ ରୋଡ଼ / ବଲାଙ୍ଗୀର ରୋଡ଼ ଭୁବନେଶ୍ୱର ପର୍ଯ୍ୟନ୍ତ ଏକ ନୂଆ ଟ୍ରେନ୍ ଚଳାଚଳ କରାଯାଉ କିମ୍ବା ପୁରୀ-ସମ୍ବଲପୁର- ପୁରୀ ଇଣ୍ଟରସିଟି ଟ୍ରେନକୁ ବରଗଡ଼ରୁ ବଲାଙ୍ଗୀର ପର୍ଯ୍ୟନ୍ତ ଦୁଇ ରେକ୍ ଟ୍ରେନ୍ ଭାବେ ପରିବର୍ତ୍ତନ କରାଯିବାକୁ ଶ୍ରୀ ପୁରୋହିତ ମନ୍ତ୍ରୀଙ୍କୁ ପ୍ରସ୍ତାବ ଦେଇଥିଲେ। ଏହାସହ ପାଇକମାଳ ରେଳଷ୍ଟେସନର ନାମ ପରିବର୍ତ୍ତନ କରି ନୃସିଂହନାଥ ମନ୍ଦିର ରେଳ ଷ୍ଟେସନ କରିବାକୁ ସେ କହିଥିଲେ। ଏହାଛଡ଼ା ଜନଶତାବ୍ଦି ଏକ୍ସପ୍ରେସ୍‌କୁ ଝାରସୁଗୁଡ଼ା ପର୍ଯ୍ୟନ୍ତ ସମ୍ପ୍ରସାରଣ ସହ ହାତିଆ- ଝାରସୁଗୁଡ଼ା ପାସେଞ୍ଜର ଟ୍ରେନକୁ ରାୟଗଡ଼ ଓ କୋଭିଡ଼ ସମୟରେ ବନ୍ଦ ହୋଇଥିବା ନିଜାମୁଦ୍ଦିନ ରାୟଗଡ଼ ଗୋଣ୍ଡୱାନା ଏକ୍ସପ୍ରେସର ପୁନଃ ଚଳାଚଳ କରିବାକୁ ରେଳ ମନ୍ତ୍ରୀଙ୍କୁ ଶ୍ରୀ ପୁରୋହିତ ଅନୁରୋଧ କରିଥିଲେ।

Printed, Published and Owned by Hemanta Kumar Mahapatra, Printed at Impressions Press, Sambalpur, Office Phone: 9437348018
e-mail: hemantamahapatra@yahoo.com Editor : Hemanta Kumar Mahapatra